୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.153 Bhubaneswar Tuesday July 23 2024 | ୨୬ତମ ବର୍ଷ ସଂଖ୍ୟା–୧୫୩ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


## କବଜାରୁ ମୁକୁଳିପାରୁନାହାନ୍ତି କି ନବୀନ, କାହିଁକି ବାରମ୍ବାର ପାଣ୍ଡିଆନଙ୍କୁ ଦେଉଛନ୍ତି କ୍ଲିନଚିଟ୍



ଭୁବନେଶ୍ୱର, ୨୨।୭(ପି.ଏନ): କୋଟିଏ ସଦସ୍ୟଙ୍କ ଦଳ ବୋଲି ଦାବି କରୁଥିବା ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ସତରେ କ'ଣ ଚାପଗ୍ରସ୍ତ ? ଦଳ ଓ ସଂଗଠନକୁ ନିୟନ୍ତ୍ରଣରେ ରଖିବା ତାଙ୍କ ଦ୍ୱାରା ଆଉ ସମ୍ଭବପର ହେଉନାହିଁ କି ? ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ତାମିଲନାଡୁ ଜନ୍ମିତ ଭିକେ ପାଣ୍ଡିଆନଙ୍କୁ କାହିଁକି ବାରମ୍ବାର କ୍ଲିନଚିଟ୍ ନବୀନ ଦେଉଛନ୍ତି ? ୨୪ବର୍ଷର ଶାସନର ପତନର ଖଳନାୟକଙ୍କ ମଧ୍ୟରେ ପାଣ୍ଡିଆନଙ୍କ ନାଁ ସର୍ବାଗ୍ରେ ଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କୁ କୋଳେଇ ରଖିବାରେ ନବୀନଙ୍କ କ'ଣ ବାଧ୍ୟବାଧକତା ରହିଛି ? ଦଳର ବରିଷ୍ଠ ନେତାମାନଙ୍କଠୁ ଆରମ୍ଭ କରି ଶୁଭେଚ୍ଛୁମାନେ ବିଭିନ୍ନ ମାଧ୍ୟମରେ ପାଣ୍ଡିଆନଙ୍କ ରାଜନୀତିକ ମହାତ୍ୱାକାଂକ୍ଷା ଯୋଗୁ ବିଜେଡିର ପତନ ହେଲା କହୁଥିଲେ ମଧ୍ୟ ନବୀନ କାହିଁକି ନିରବ ରହୁଛନ୍ତି ? ପ୍ରାୟୋଜିତ କାହାଣୀ ମାଧ୍ୟମରେ ନବୀନଙ୍କ ମୁହଁରେ ପାଣ୍ଡିଆନଙ୍କ ପ୍ରଶଂସା କରାଇବା ପଛରେ କାହାର କେଉଁ ସ୍ୱାର୍ଥ ପୂରଣ ହେଉଛି ? ନବୀନ ଓ ପାଣ୍ଡିଆନଙ୍କୁ ନେଇ ଏଭଳି ନାନାଦି ପ୍ରଶ୍ନ ବିଜେଡି ଓ ରାଜନୀତିକ ମହଲରେ ଏବେ ଉଙ୍କି ମାରୁଛି । କିନ୍ତୁ ତା'ର ଉତ୍ତର ନବୀନ ସିଧାସଳଖ ନଦେଲେବି ବୁଲେଇବଙ୍କେଇ ଦେବାରେ ଲାଗିଛନ୍ତି । ଯାହାକି ବିଜେଡିକୁ ଏକ ନିଶ୍ଚିତ ବିଭାଜନ ଆଡକୁ ନେଇଯାଉଥିବା ଚର୍ଚ୍ଚା ହେଉଛି ।ସୂଚନା ଅନୁସାରେ, ଏକ ଇଂରାଜୀ ଜାତୀୟ ସମ୍ବାଦପତ୍ର 'ଇଣ୍ଡିଆନ ଏକ୍ସପ୍ରେସ'ରେ ଆଜି ବିଜେଡି ସଂକ୍ରାନ୍ତୀୟ ଏକ ଖବର ଦିଲ୍ଲୀରୁ ପ୍ରକାଶିତ ହୋଇଛି । ରାଜନୀତିକ ଚର୍ଚ୍ଚା ଓ ସମ୍ଭାବନାକୁ ନେଇ ପ୍ରକାଶିତ ଏହି ଖବର ଯେତିକି ଗୁରୁତ୍ୱ ବହନ କରୁନଥିଲା କିନ୍ତୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜର ଭେରିଫାଏଡ୍ 'ଏକ୍ସ' ଆକାଉଣ୍ଟରୁ ଉକ୍ତ ଖବରକୁ ଖଣ୍ଡନ କରିବାପରେ ଓଡିଶାରେ ବିଭିନ୍ନ ମହଲରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏପରିକି ନବୀନଙ୍କ ଦଳ ବିଜେଡିର ନେତାମାନେ ମଧ୍ୟ ନବୀନଙ୍କ ଏଭଳି ପରିବର୍ତ୍ତିତ ଆଭିମୁଖ୍ୟ ଓ ମତିଗତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କଲେଣି ।ଆଜି ସକାଳେ ଏହି ଖବର ପ୍ରକାଶ ପାଇବା ପରେ ଦିନ ୧ଟା ୩୩ ମିନିଟରେ ନବୀନ ପଟ୍ଟନାୟକ ନିଜର ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ଟ୍ୱିଟ୍ କରି ଖବରକୁ ମିଥ୍ୟା, ଉଦ୍ଦେଶ୍ୟପ୍ରଣୋଦିତ, ଅପମାନସୂଚକ ଓ ବଦନାମ ପାଇଁ ଉଦ୍ଦିଷ୍ଟ ବୋଲି କହିବା ସହ ପୁଣିଥରେ ପାଣ୍ଡିଆନଙ୍କୁ ପ୍ରଶଂସା କରିଛନ୍ତି । ପାଣ୍ଡିଆନ ରାଜ୍ୟ ଓ ଦଳ ପାଇଁ ସମର୍ପିତ,ଦକ୍ଷତା ଓ ନିଷ୍ଠାର ସହ ସେବା କରିଛନ୍ତି । ଏଥିପାଇଁ ସେ ପରିଚିତ ଓ ସମ୍ମାନିତ ମଧ୍ୟ ବୋଲି କହିଛନ୍ତି ।

## ସାଂସଦ ପତ୍ନୀଙ୍କୁ ଧରି ଦଳ ଛାଡିବାର ଧମକ ଦେଲେ ବିଜେପି ବିଧାୟକ



ଭୁବନେଶ୍ୱର, ୨୨।୭(ପି.ଏନ): ମଧ୍ୟପ୍ରଦେଶରେ କ୍ଷମତାସୀନ ବିଜେପିରେ ଏବେ ସବୁ କିଛି ଠିକ ଠାକ ଚାଲି ନାହିଁ। ବିଜେପି ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ କ୍ୟାବିନେଟରେ ଥିବା ନଗରସିଂହ ଚୌହାନ ଖୋଲାଖୋଲି ଭାବେ ଇସ୍ତଫା ଧମକ ଦେଇଛନ୍ତି। ଯଦି ହାଇକମାଣ୍ଡ ତାଙ୍କ କଥା ନ ଶୁଣିବେ, ତା'ହେଲେ ସେ ତାଙ୍କ ସାଂସଦ ପତ୍ନୀଙ୍କୁ ଧରି ଦଳ ଛାଡିବେ ବୋଲି କହିଛନ୍ତି ।ଏହା ପଛର କାରଣ ହେଲା ତାଙ୍କ ଠାରୁ ରବିବାର ଜଙ୍ଗଲ ଓ ପରିବେଶ ବିଭାଗ ପ୍ରତ୍ୟାହାର କରି ନିଆଯାଇଛି। ଏହି ବିଭାଗର ଦାୟିତ୍ୱ କଂଗ୍ରେସରୁ ବିଜେପିକୁ ଆସିଥିବା ରାମନିବାସ ରାଓ୍ୱତ ପାଇଛନ୍ତି।

## +୨ ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ



ଭୁବନେଶ୍ୱର, ୨୨।୭(ପି.ଏନ) : ଚଳିତ ଶିକ୍ଷାବର୍ଷପାଇଁ +୨ ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହୋଇଛି । ପ୍ରଥମ ମେଧା ତାଲିକାରେ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଛାତ୍ରଛାତ୍ରୀଙ୍କ ଚୟନ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ୭ରୁ ୧୦ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ସୂଚନା ଅନୁସାରେ, ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୩୪୫ଟି ସିଟ୍ ରହିଛି ।ତେବେ ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୨୪୯ଟି ଆସନ ରହିଥିବାବେଳେ ନାମ ଲେଖାଇବା ପାଇଁ ୪ ଲକ୍ଷ ୭୧ ହଜାର ୫୮୭ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।କଳା ଶିକ୍ଷାରେ, ରାଜ୍ୟରେ ୩ ଲକ୍ଷ ୧୦ ହଜାର ୧୩୬ ଆସନ ରହିଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୭୩ ହଜାର ୫୪୯, ବାଣିଜ୍ୟରେ ୪୧ ହଜାର ୮୦, ଉପଶାସ୍ତ୍ରୀରେ ୧୩ ହଜାର ୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦ ହଜାର ୩୯୬ଟି ଆସନ ରହିଛି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୨ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ଆହୁରି ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷିବ !

ଭୁବନେଶ୍ୱର, ୨୨।୭(ପି.ଏନ): ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହୋଇଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏମିତି ବର୍ଷା ଲାଗି ରହିବ। ତେବେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ, କେନ୍ଦୁଝର, ବରଗଡ, ସୋନପୁର, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ନୂଆପଡା, କଳାହାଣ୍ଡି, ରାୟଗଡା, ଗଜପତି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।











# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଡିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁରଙ୍କ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ସଂଗ୍ରାମୀ ସ୍ମୃତି ପୀଠ କୁହୁଡ଼ିଠାରେ ୯୨ ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଗତ ୨୧ ତାରିଖ ଦିନ ପାଳିତ ହୋଇଯାଇଛି। ଏହି ସମାରୋହରେ ସର୍ବପ୍ରଥମେ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଂଗ୍ରାମୀ ସ୍ମୃତିଶୀଳାଠାରୁ କୁହୁଡ଼ି ପର୍ଯ୍ୟନ୍ତ ଜାତୀୟ ସଂହତି ଓ ଏକତା ପଦଯାତ୍ରା ଆସିବା ପରେ କୁହୁଡ଼ି ସଂଗ୍ରାମୀ ପୀଠଠାରେ ଥିବା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଂହତି ଶପଥପାଠ କରାଯାଇଥିଲା। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ସୋମନାଥ ପାତ୍ରଙ୍କ ସଭାପତିତ୍ୱ ଓ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଏହି ସ୍ମୃତି ଚାରଣ ସଭାରେ ଓଡ଼ିଶାର ବରେଣ୍ୟ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ୍ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରିବା ସହ ଲବଣ ସତ୍ୟାଗ୍ରହ ଇତିହାସରେ ସଂଗ୍ରାମୀମାନଙ୍କର ଭୂମିକା ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଦ୍ୟାଳୟ ଓ ଗଣ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାସ, ବିଶିଷ୍ଟ ଶିକ୍ଷାବିତ୍ ତଥା ମାନ୍ୟବର ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଓ ସୂଚନା ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ପ୍ରେରିତ ବାର୍ତ୍ତା ପଠନ କରାଯାଇଥିଲା। ଗାନ୍ଧୀ ବିଚାରକ ତଥା ଲେଖକ, ସୁସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ଓ ଶ୍ରୀଯୁକ୍ତ ପ୍ରଦଲ୍ଲାଦ ସିଂହ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଲବଣ ସତ୍ୟାଗ୍ରହ ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତୀ ବେହେରା, ଜଗତସିଂହପୁର ଲୋକସଭା ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ରବି ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାୟକ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ସମାଜସେବୀ ତଥା ଅସ୍ତରଙ୍ଗର ଯୁବନେତା ଦିବାକର ଛାଟୋଇ, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ତହସିଲଦାର ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ସ୍ମୃତି କମିଟିର ସାଧାରଣ ସମ୍ପାଦକ ନିରଦ ବରଣ ମହାନ୍ତି, ପ୍ରମୁଖ ସ୍ମୃତି ଚାରଣ ସଭାରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ମୁଖ୍ୟ ସଂଯୋଜକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ଉପଦେଷ୍ଟା ଗୋଲକ ଚରଣ ମହାନ୍ତି, ପ୍ରମୋଦ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସ୍ମୃତି କମିଟିର ସଦସ୍ୟ ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ କର, ରବିନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ହୃଷିକେଶ ରାଉତ, ମହେଶ୍ୱର ନାୟକ, ଭୋଳାନାଥ ସ୍ୱାଇଁ, ସ୍ଥାନୀୟ ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ନାଏବ ସରପଞ୍ଚ ଅର୍ଜୁନ ମଲ୍ଲିକ, ପବିତ୍ର ସ୍ୱାଇଁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ କୁହୁଡ଼ି ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ନାରାୟଣ ରଥ, ଅନାଥ ବନ୍ଧୁ ମୁଦୁଲି ଓ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଓଡ଼ିଶାର ଆଞ୍ଚଳିକ କେନ୍ଦ୍ରଦ୍ୱାରା ଦେଶାତ୍ମବୋଧକ ଭଜନ, ବନ୍ଦେ ମା ତରମ୍ ଓ ରାମଧୂନ୍ ପରିବେଷଣ କରାଯାଇଥିଲା। ଏହି ଅବସରରେ ସଂଗ୍ରାମୀ ସ୍ମୃତି କମିଟି ତରଫରୁ ୬ଜଣ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀଙ୍କ ସୁଯୋଗ୍ୟ ଦାୟାଦମାନଙ୍କୁ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ସ୍ମୃତି କମିଟି ପକ୍ଷରୁ କୁହୁଡ଼ି ଲବଣ ସତ୍ୟାଗ୍ରହ ପୀଠର ସାମଗ୍ରୀକ ବିକାଶ ପାଇଁ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ଅମିୟ କୁମାର ପଟ୍ଟନାୟକ ଓଡ଼ିଶା ସରକାରଙ୍କ ସୁବିଚାର ପାଇଁ ୧୩ ଦଫା ସମ୍ୱଳିତ ଏକ ଦାବୀପତ୍ର ସଭାମଞ୍ଚରେ ପଠନ କରିଥିଲେ।

# ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ଯଜ୍ଞ ଭସ୍ମ ବିସର୍ଜନ



ଯାଜପୁର (ପିଏନ୍): କୋରେଇ ବ୍ଲକ ଶଙ୍ଖଚିଲା ଗ୍ରାମର ମା' ହିଙ୍ଗୁଳା ଦେବୀଙ୍କ ୯୧ତମ ବାର୍ଷିକ ଯଜ୍ଞ ଉତ୍ସବ ଗତ ମାସ ୧୫ ତାରିଖରୁ ଆରମ୍ଭ ହୋଇ ୧୮ ରିଖରେ ପୂର୍ଣ୍ଣାହୂତି କରାଯାଇଥିଲା। ଗତ ମାସ ୨୩ ତାରିଖ ଶନିବାର ଯଜ୍ଞ ଭସ୍ମ ଦେବୀ ପୀଠ ଶଙ୍ଖଚିଲାରୁ ନାମ ସଂକୀର୍ତ୍ତନ, ଲହୁଡ଼ି ଖେଳ, ତେଲିଙ୍ଗି ବାଜା ସହିତ ଶହ ଶହ ନରନାରୀ ହରିବୋଲ ହୁଳ ହୁଳି, ଶଙ୍ଖ ଧ୍ୱନୀ ସହିତ ଏକ ଶୋଭାଯାତ୍ରାରେ ଗାନ୍ଧିଛକ, ହାବେଳି ବଜାର, ଦେବୀଗଡ଼ା ଘାଟ ଦେଇ ଦଶ୍ୱାଶ୍ୱମେଧ ପବିତ୍ର ଘାଟରେ ମୁଖ୍ୟ ପୂଜକ ଶ୍ରୀ ରବିନ୍ଦ୍ର କୁମାର ହୋତା ପ୍ରମୁଖ ପୂଜା ଅର୍ଚ୍ଚନା କରିବା ପରେ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ରାସ୍ତାରେ ଗଲା ବେଳେ ବହୁ ଶ୍ରଦ୍ଧାଳୁ ଶୋଭାଯାତ୍ରୀ କାରୀଙ୍କୁ ପାନୀୟ ସେବା ପ୍ରଦାନ କରିଥିଲେ। ବିସର୍ଜନ ପରେ ସମସ୍ତ ଭକ୍ତ ମା'ବିରଜା ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଶ୍ରୀ ବିରଜା ମଣ୍ଡଳ ତୈଳ ବୈଶ୍ୟ ମହାସଭାର ସଭାପତି ପାଣ୍ଡବ ସାହୁ ଗାନ୍ଧୀ ଛକରେ ତାଙ୍କୁ ସ୍ୱାଗତ କରିବା ସହିତ ବିରଜାଙ୍କ ଦର୍ଶନ ପରେ ସମସ୍ତ ଭକ୍ତଙ୍କୁ ଥାଣ୍ଡା ପାନୀୟ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ (ବାବୁଲି), ଅନନ୍ତ ଚରଣ ମଲ୍ଲିକ, ବଳରାମ ସାହୁ, ବାଇଧର ନାୟକ, ଦଶରଥ ନାୟକ, ବିମ୍ବାଧର ସାହୁ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ମହାକୁଳ ତତ୍‌ସହିତ କମିଟିର ସଭ୍ୟସଭ୍ୟାବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ

ଯାଜପୁର (ପିଏନ୍): ଯାଜପୁର ସହର ଲାଖବିନ୍ଧ ସ୍ଥିତ ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ହରିଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ବାହାରି ଶ୍ରୀ ପ୍ରଭୁପାଦଙ୍କ ସ୍ମରଣ ତଥା ୟୁକ୍ରେନ ଯୁଦ୍ଧ ଓ କରୋନା ଦେଶରୁ ଅପସରିଯିବା ନିମନ୍ତେ ସହର ପରିକ୍ରମା କରିଥିଲେ। ବହୁ ଶ୍ରଦ୍ଧାଳୁ ଭକ୍ତ ଓ ନରନାରୀ ଯୋଗଦେଇ ହରିବୋଲ, ହୁଳହୁଳି ଓ ଶଙ୍ଖର ପ୍ରତିଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଉକ୍ତ ନଗର କିର୍ତ୍ତନ ଲାଖି ବିନ୍ଧା ଇସ୍କନ ମନ୍ଦିରରୁ ବାହାରି ମା'ବିରଜା ମନ୍ଦିର, ଅଠରନଳା, ଗରିଆପୁର, ମାର୍କେଟ ଛକ ଦେଇ ବରାହ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାରେ ପରିକ୍ରମା କଲା ବେଳେ ବହୁ ଶ୍ରଦ୍ଧାଳୁ ଇସ୍କର ଶୋଭାଯାତ୍ରୀ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଥଣ୍ଡା ପାନୀୟ ପ୍ରଦାନ କରିଥିଲେ। ଉକ୍ତ ସଂକୀର୍ତ୍ତନ ବରାହ ମନ୍ଦିରରେ ପହଞ୍ଚି ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପାଣ୍ଡବ ସାହୁ, ନରେଶ ଚନ୍ଦ୍ର ରାଉତ, ବିଶ୍ୱମୋହନ ପତି, ଭରତ ଚନ୍ଦ୍ର ସାହୁ, ସୁବୋଧ ଜେନା, ଶ୍ରୀଧର ଦାଶ, ବିଜୟ ନାୟକ, ଭଗବାନ ରଣା, ଜନାର୍ଦ୍ଦନ ନାୟକ, ଝରଣା ଦେହୁରୀ, ଉର୍ମିଳା ଧଳ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ସଭ୍ୟସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ପୂର୍ବତନ ଜୱାନ ଗୁରୁତର ଅସୁସ୍ଥ, ଧର୍ମପତ୍ନୀ ଜନତାଙ୍କୁ କଲେ ମିନତି



ଗୋଲାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବାଣକାଣ୍ଡ ଗ୍ରାମର ପୂର୍ବତନ ଯବାନ କ୍ଷୀରୋଦ କୁମାର ମିଶ୍ର ଏକ ସଡକ ଦୁର୍ଘଟଣାରେ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଧର୍ମପତ୍ନୀ ସ୍ୱାଗତିକା ମିଶ୍ର ପ୍ରତ୍ୟେକ ନାଗରିକଙ୍କୁ ଆକୁଳ ନିବେଦନ କରିଛନ୍ତି ସାହାଯ୍ୟ ଓ ପ୍ରାର୍ଥନା କରିବା ପାଇଁ । ସେ କହିଛନ୍ତି ଭଗବାନ କାହାରି ଜଣକ ଡାକ ଶୁଣି ହେଲେ ତାଙ୍କ ସ୍ୱାମୀଙ୍କୁ ବଞ୍ଚାଇ ଦେବେ । ସୂଚନା ଅନୁସାରେ ଗତ ମାସ ୫ ତାରିଖରେ ଘଟଗାଁରୁ କେନ୍ଦୁଝର ଯାଉଥିଲେ କ୍ଷୀରୋଦ । ରାସ୍ତାରେ ଏକ ଫୋନ୍ କଲ ଆସିବାରୁ ରାସ୍ତାକଡରେ ଗାଡି ଛିଡା କରି ଫୋନ୍‌ରେ କଥା ହେଉଥିଲେ । ସେହି ସମୟରେ ଏକ ମଦ୍ୟପ ଟ୍ରକ୍ ଡ୍ରାଇଭର କ୍ଷୀରୋଦଙ୍କୁ ବାଡେଇ ଦେଇଥିଲା । ସେହିଦିନଠାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କ୍ଷୀରୋଦ ଚିକିତ୍ସିତ ହେଉଛନ୍ତି । ସେ ଆର୍ମିରେ ୧୦ ବର୍ଷ ଚାକିରୀ କରିଥିବା ବେଳେ ଦେହ ଅସୁସ୍ଥତା କାରଣରୁ ଚାକିରୀ ଛାଡିଦେଇଥିଲେ । ତେଣୁ ସେ ଏବେ ପେନସନ୍ ମଧ ପାଉନାହାଁନ୍ତି । ପାଖାପାଖି ଏକମାସ ଆଇସିୟୁରେ ରହିବାରୁ ଏବଂ ଅର୍ଥ ଅଭାବରୁ ତାଙ୍କ ପତ୍ନୀ ଅସହାୟ ହୋଇପଡିଛନ୍ତି । ତେଣୁ ସେ ପ୍ରତ୍ୟେକ ନାଗରିକଙ୍କୁ ନିବେଦନ କରିଛନ୍ତି ଯେ ସମସ୍ତେ ଭଗବାନଙ୍କ ନିକଟରେ ତାଙ୍କ ସ୍ୱାମୀଙ୍କ ଆରୋଗ୍ୟ ନିମନ୍ତେ ପ୍ରାର୍ଥନା କରିବାକୁ ଏବଂ ସକ୍ଷମ ଅନୁସାରେ କିଛି ଆର୍ଥିକ ସାହାଯ୍ୟ କରିବାକୁ । କ୍ଷୀରୋଦ ମିଶ୍ରଙ୍କ ଫୋନ୍ ପେ ନଂ ୯୦୭୮୨୭୯୪୪୧ରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି ।

# ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ: ନୀଳମଣି ରାଉତରାୟ

ପରାଧିନତାର କଳାବାଦଲ ପବିତ୍ର ଭାରତମାତାଙ୍କୁ କରାୟତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ। ପିଡିତ, ଲାଂଛିତ, ନିଷ୍କେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ। ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି। ଅକାଳରେ ମା'ଙ୍କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ। ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ। ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧିନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ। ୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ। ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ। ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ। ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ। ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ। ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେକଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା। ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା। ଚାରିଆଡେ ଚହଳ ପଡିଗଲା। ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା।



ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତାମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ। ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍। ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ। ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧ୍ୟକ୍ଷଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ।

ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ। ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ। ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ। ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍‌ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା। ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା। ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ। ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ।

ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ। ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ। ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ। ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ। ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ। ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ। ରାଜନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ। ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା। ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ। ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା। ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା। ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ। ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ। ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ। ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ। ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ। ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ-ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା। ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ। ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ। କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ। ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା। ସେ ଅସୁସ୍ଥ ହୋଇପଡିଲେ। ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ। ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ। ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା। ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ। ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍। ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ। ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ। ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ। ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା। ସେ ଜଣେ ଟ୍ରଷ୍ଟି ରହିଲେ। ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ। ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ। ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା। ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା। ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା। ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥିଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା। ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ। ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ। ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ। ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ। ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ। ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ। କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା। ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ। ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ। ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ। ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ। ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ। ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ। ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଜୁଲାଇ ୨୩

# ବାସ୍ତବ ସତ୍ୟର ଅନୁସନ୍ଧାନ-୪


ପଙ୍କଜ କୁମାର ପାଣିଗ୍ରାହୀ

ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ- ଚତୁର୍ଥ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ମଣିଷର ସ୍ୱତନ୍ତ୍ରତା କ'ଣ ଏବଂ ସାଧାରଣ ମଣିଷ ନିଜକୁ ମଣିଷ ଭଳି ଗଢ଼ି ତୋଳିବା ବଦଳରେ ଦିନକୁ ଦିନ ନିମ୍ନମୁଖୀ କାହିଁକି ?

ପୃଥିବୀ ପୃଷ୍ଠରେ ଜନ୍ମିତ ଅନେକ ଛୋଟ ବଡ଼ ଜୀବ ମଧ୍ୟରେ ମଣିଷର ସ୍ଥାନ କେବଳ ସ୍ୱତନ୍ତ୍ର ତାର ବିଚକ୍ଷଣ ବୁଦ୍ଧି କାରଣରୁ ବୋଲି ଆମେ ଜାଣିଛେ ।ମଣିଷ ମସ୍ତିଷ୍କରେ ବୁଦ୍ଧି ପ୍ରଖର ହେବାର ମୂଳ ଉତ୍ସ ହେଉଛି ତାର ତୀକ୍ଷ୍ଣ ଭାବନା ଓ ପ୍ରଚୁର ସ୍ମରଣ ଶକ୍ତିର କ୍ଷମତା ଯାହା ଅନ୍ୟାନ୍ୟ ପ୍ରାଣୀ ଜଗତରେ ନାହିଁ । ସବୁ ମଣିଷଙ୍କ ମସ୍ତିଷ୍କରେ ବୁଦ୍ଧି କିଂନ୍ତୁ ସମାନ ଢଙ୍ଗରେ ସୃଷ୍ଟି ହୋଇପାରେ ନାହିଁ । ତେଣୁ ଅଳ୍ପ ବୁଦ୍ଧି ସମ୍ପନ୍ନ ମଣିଷ ସବୁ ବେଳେ ଅନ୍ୟ ଉପରେ ନିର୍ଭର କରି ବଂଚୁଥିବା ବେଳେ କ୍ଷିପ୍ର ବୁଦ୍ଧି ସମ୍ପନ୍ନ ମଣିଷ ନିଜସ୍ୱ ଚେତନାରେ ପରିଚାଳିତ ହୋଇଥା'ନ୍ତି । ପ୍ରାୟତଃ ଦେଖିବାକୁ ଗଲେ ଏହି ଦୁଇଟି ଶକ୍ତି ଅନେକାଂଶରେ ଜନ୍ମଗତ ପ୍ରାକୃତିକ ଭାବେ ରହିଥିବା ବେଳେ ସେଗୁଡ଼ିକୁ ଆୟ   କରି ବୃଦ୍ଧି କରିବା କ୍ଷମତା ମଧ୍ୟ ରହିଥାଏ ଅନେକଙ୍କ ପାଖରେ । କିଂନ୍ତୁ ଉପଯୁକ୍ତ ମାର୍ଗ ଦର୍ଶନର ଅଭାବ କାରଣରୁ ଅନେକ ମଣିଷ ସେଗୁଡ଼ିକୁ ବୃଦ୍ଧି କରିବାରେ ସମର୍ଥ ହୋଇନଥା'ନ୍ତି । ଆଉ କେତେବେଳେ ପରିବେଶର କୁ ପ୍ରଭାବରୁ ପ୍ରାକୃତିକ ବୁଦ୍ଧି ସମ୍ପନ୍ନ ମଣିଷଙ୍କ ପ୍ରକୃତି ପ୍ରଦ   ବୁଦ୍ଧି ମଧ୍ୟ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି ଆଜି ସମୟରେ । ହେଲେ ସାଧାରଣ ମଣିଷ ସେଗୁଡ଼ିକୁ ଅନୁଶୀଳନ କରି ଜାଣିବ କେମିତି ଏବଂ ନିଜର ତୀକ୍ଷ୍ଣ ବୁଦ୍ଧି ସୃଷ୍ଟି କରିବାରେ ସମର୍ଥ ହେବ କେମିତି ?

ଭଲଭାବେ ଦେଖିଲେ ଜାଣିହେବ ଯେ ଅନେକ ମଣିଷ ନିଜର ଭାବନା ଶକ୍ତି ସୃଷ୍ଟି କରିବାରେ ଅକ୍ଷମ ରହି ସବୁବେଳେ ଜୀବନର ଯେକୌଣସି ବିଷୟକୁ ଅନ୍ୟ ଉପରେ ନିର୍ଭର କରି ଗ୍ରହଣ କରିଥା'ନ୍ତି । ଦ୍ୱିତୀୟତଃ କେତେକଙ୍କ ସ୍ମରଣ ଶକ୍ତି ଏତେ କମ୍ ରହିଥାଏ ଯେ ସେମାନେ ନିଜର ବିଚାରଧାରାକୁ ମଧ୍ୟ ସମୀକ୍ଷା କରିବାରେ ଅସମର୍ଥ ହୋଇଥା'ନ୍ତି । ଅତଏବ ସେମାନେ କେବଳ ବ   ମାନକୁ ଆଧାର କରି କୌଣସି ବିଷୟ ହେଉ କି ବସ୍ତୁ କୁ ସମୀକ୍ଷା କିମ୍ବା ଗ୍ରହଣ କରିଥା'ନ୍ତି । ସ୍ମରଣ ଶକ୍ତି ଏବଂ ନିଜସ୍ୱ ସମୀକ୍ଷା ଜ୍ଞାନର ଅଭାବ କାରଣରୁ ପ୍ରାୟତଃ ସମସ୍ତ କ୍ଷେତ୍ରରେ ଆମକୁ ଅନ୍ୟ କାହାର ସାହାଯ୍ୟ ନେବାକୁ ପଡିଥାଏ । ତାହାର ସୁଯୋଗ ନେଇ ସମାଜର କ୍ରୁର ଚତୁର ଆବଶ୍ୟକ ସମୟ ସାପେକ୍ଷ ଉପାୟ ଅବଲମ୍ବନ କରି ମିଥ୍ୟାକୁ ସତ୍ୟରେ ପରିଣତ କରି ଯଥେଷ୍ଟ ସ୍ୱାର୍ଥ ହାସଲ କରିଥା'ନ୍ତି । ଅନେକ ବିଭ୍ରାଁକର, ଅଯୌକ୍ତିକ ବିଚାର ବ୍ୟକ୍ତ କରି ସାଧାରଣ ଲୋକଙ୍କୁ ଲୁଣ୍ଠନ, ପ୍ରତାଡିତ କରିବାରେ ସହଜରେ ସମର୍ଥ ହୋଇ ପାରୁଛନ୍ତି । ହେଲେ ଆମକୁ କ'ଣ କରିବାକୁ ହେବ ସେଗୁଡ଼ିକୁ ନିଜସ୍ୱ ନିୟନ୍ତ୍ରଣରେ ରଖି ମଣିଷ ଭଳି ମଣିଷ ହେବା ପାଇଁ ?

ପ୍ରଥମେ ଯେ କୌଣସି କଥା ହେଉକି ବିଷୟ ଉପରେ କାହାଦ୍ୱାରା ଦିଆଯାଇଥିବା ମନ୍ତବ୍ୟକୁ ନିର୍ଦ୍ୱନ୍ଦରେ ସମ୍ପୂର୍ଣ୍ଣ ଗ୍ରହଣ କରିବା ବିଧେୟ ନୁହେଁ । ସମ୍ପୂର୍ଣ୍ଣ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ପରେ ହିଁ ବିଶ୍ୱାସ କରିବାକୁ ହେବ । ଅନ୍ୟଥା ଯଦି ତାହାର ପ୍ରାମାଣିକ ତଥ୍ୟ ସଂଗ୍ରହ କରିବାରେ ଅସମର୍ଥ ରହିଲେ ସେଗୁଡ଼ିକୁ ସନ୍ଦେହ ଖାତାରେ ସାଇତି ରଖିବାକୁ ହେବ ତାର ସଦ୍ୟ ପ୍ରମାଣ ନମିଳିବା ପର୍ଯ୍ୟ । ନିଜର ବିଚାର ତଥା ଭାବନା ଶକ୍ତିକୁ ଯଥାସାଧ୍ୟ ଉପଯୋଗ କରି ବାସ୍ତବ ସତ୍ୟର ଅନୁସନ୍ଧାନ ପରେ ହିଁ ଗ୍ରହଣ କରିବା ଆବଶ୍ୟକ ଦ୍ୱିତୀୟରେ ନିଜର ସ୍ମରଣ ଶକ୍ତିକୁ ସୁଦୃଢ଼ କରି ନିଜସ୍ୱ ବିଚାରଧାରା ମଧ୍ୟରେ ସଂରକ୍ଷିତ ରଖି ସମୟ ସାପେକ୍ଷ ଉପଯୋଗ କରିବାକୁ ହେବ ଭୁଲ୍ ଠିକ୍ ନିରୂପଣ କରିବା ପାଇଁ । କାରଣ ଜୀବନର ପ୍ରତ୍ୟେକ ମୁହୂ   ରେ ଆମେ ଯେଉଁ ସବୁ କାର୍ଯ୍ୟଧାରା ଦେଇ ଗତି କରିଥାଉ ସେଗୁଡ଼ିକ ଆମକୁ ଆଗକୁ ପରିବ   ନ, ସୁଧାର ଆଣିବାରେ ଯଥେଷ୍ଟ ସହାୟକ ହୋଇଥାଏ । ଯଦି ସେଗୁଡ଼ିକ ସେହି ସମୟ ପରେ ଆମେ ଭୁଲିଯିବା ତାହେଲେ ଆମେ ପ୍ରତିଦିନ ନିଜକୁ ଗୋଟିଏ ଜ୍ଞାନହୀନ ବାଳୁତ ଶିଶୁଭଳି ପରିଚାଳିତ କରୁଥିବା ଯାହା ଆଜି ସମୟରେ ପ୍ରାୟତଃ ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।ଏହି ଦୁଇଟି ବିଷୟ ଉପରେ ପ୍ରାଧାନ୍ୟତା ଦେଇ ଜୀବନର ପଥ ଅତିକ୍ରମ କରିବା ଶିକ୍ଷା କରିପାରିଲେ ହିଁ ଜଣେ ମଣିଷ ନିଜକୁ ମଣିଷ ଭଳି ଗଢି ତୋଳିବାରେ ସମର୍ଥ ହେବ । ଏବଂ ଜୀବନର ସବୁ ସମୟରେ ପ୍ରତାଡିତ, ଲୁଣ୍ଠିତ ହେବାଠାରୁ ନିଜକୁ ଦୁରେଇ ରଖି ପାରିବ । କିଂ' ଏକ ନିଛକ ବିଷୟ ଏହାକି ସର୍ବାଦୌ ସେଗୁଡ଼ିକର ଉପଯୋଗୀତା ଏବଂ ବ୍ୟବହାରିକ ତଦ୍ ମାର୍ଗ ଦର୍ଶନ ଉପରେ ଜ୍ଞାନ ସୃଷ୍ଟି କରିବାକୁ ହେବ ଯାହା ସାଧାରଣରେ ଆମ ସମାଜରେ ଉପଲବ୍ଧ ନୁହେଁ ଆଜି ସମୟରେ । ଯିଏ ତାହା ଆବଶ୍ୟକ କରିବେ ସେ ନିଜେ ତାହାର ରାସ୍ତା ଖୋଜି ବାହାର କରିବାକୁ ହେବ । ଅନ୍ୟଥା ଜୀବନର ଅ' ପର୍ଯ୍ୟ' ଅନ୍ୟ କାହା ଉପରେ ନିର୍ଭର କରି ନିଜକୁ ଅସମ୍ପୂର୍ଣ୍ଣ ସମାପ୍ତ କରିବାରେ ମଣିଷ ଜୀବନର ସ୍ୱାର୍ଦ ଅନୁଭବ କରିପାରିବ ନାହିଁ ।

ଆଗାମୀ ଅଧ୍ୟାୟରେ ଆଲୋଚନା କରିବା ଯେ ମଣିଷ ଜୀବନର ମହତ୍ୱ କ'ଣ ଏବଂ ତାର ପ୍ରାକୃତିକ ସ୍ୱାଦ ଅନୁଭବ କରି ସେଗୁଡ଼ିକୁ ଚରିତାର୍ଥ କରିବାକୁ ଆମକୁ କ'ଣ ସବୁ କରିବାକୁ ହେବ ? ଏବଂ ଏହି ଦୁଇଟି ବିଷୟ ତଥା ଭାବନା ଓ ସ୍ମରଣ ଶକ୍ତି ବୃଦ୍ଧି ହୁଏ କେମିତି ? ଆଜି ପାଇଁ ଏତିକି । ଧନ୍ୟବାଦ । (କ୍ରମଶଃ)

*ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ଶୀତଳଭଣ୍ଡାର କାର୍ଯ୍ୟକ୍ରମ କର


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସାଧାରଣତଃ ବର୍ଷାଦିନ ଆସିଲେ ଆମ ରାଜ୍ୟ ତଥା ଦେଶରେ ପନିପରିବା ସମେତ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବଢିଥାଏ । ଗଲା ଜୁନ ମାସରେ ପରିବାର ମୂଲ୍ୟ ଅହେତୁକ ଭାବେ ବଢିବାରୁ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୩.୩୬ ପ୍ରତିଶତକୁ ବୃଦ୍ଧି ପାଇଛି । ଯାହାକି ଗତ ୧୬ମାସ ମଧ୍ୟରେ ସର୍ବାଧିକ । କହିବା ବାହୁଲ୍ୟ ଗତ ମେ' ମାସରେ ପନପରିବାର ପାଇକାରୀ ମୁଦ୍ରାସ୍ଫୀତି ୨.୬୧ ପ୍ରତିଶତ ଥିଲା । କେବଳ ପନିପରିବା ନୁହେଁ, ଖାଦ୍ୟପଦାର୍ଥରେ ମୁଦ୍ରାସ୍ଫିତି ୯.୮୨ ପ୍ରତିଶତ ଥିବାବେଳେ ଜୁନରେ ୧୦.୮୭ ପ୍ରତିଶତକୁ ବୃଦ୍ଧି ପାଇଥିଲା । ସେହିପରି ପରିବା ମୁଦ୍ରାସ୍ଫିତି ମେ'ରେ ୩୨.୪୨ ପ୍ରତିଶତ ଥିବାବେଳେ ଜୁନରେ ତାହା ୩୮.୭୬ ପ୍ରତିଶତ ଥିଲା । ତେବେ ଗରିବ, ମଧ୍ୟବିତ ତଥା ସବୁବର୍ଗର ଜନସାଧାରଣଙ୍କର ସବୁଦିନର ପରିବା ସାଥି ପିଆଜର ମୁଦ୍ରାସ୍ଫିତି ଜୁନରେ ୯୩.୩୫% ଥିବାବେଳେ ଆଳୁର ମୁଦ୍ରାସ୍ଫିତି ୬୬.୩୭% ରହିଥିଲା । ଖାଉଟି ବ୍ୟାପାର ବିଭାଗର ମୂଲ୍ୟ ତଦାରଖ ଡିଭିଜନର ୱେବସାଇଟରୁ ଜଣାଯାଇଛି, ଗତ ୧୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ଆଳୁ ଓ ପିଆଜର ମୂଲ୍ୟ ଖାଉଟିଙ୍କ ଆଖିରୁ ଲୁହ ଝରାଇବାର କାରଣ ହୋଇଛି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆଳୁ ଓ ପିଆଜର ମୂଲ୍ୟ ଯଥାକ୍ରମେ ୫୬% ଏବଂ ୬୭% ବୃଦ୍ଧି ପାଇଛି । ଟମାଟୋ ମୂଲ୍ୟ ମଧ୍ୟ ଅମୂଲ୍ୟ ମୂଲ୍ୟ । ଗତବର୍ଷ ଏହି ସମୟରେ ଟମାଟୋର ଦର ଯାହାଥିଲା, ଏବେ କମ୍ ରହିଥିବା ସତ୍ତ୍ୱେ ଖାଉଟିଙ୍କ ପାଇଁ ଦୁର୍ମୂଲ୍ୟ ପାଲଟିଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ । ଏହା ସତ୍ୟ ଯେ, କେବଳ ଏବେ ଆଳୁର କେଜି ପ୍ରତିମୂଲ୍ୟ ଖାଉଟି ବଜାରରେ ୪୦ଟଙ୍କା ରହିଥିବାବେଳେ ପିଆଜ ୪୫ରୁ ୫୦ଟଙ୍କା ଏବଂ ଟମାଟୋ ୭୦ରୁ ୮୦ଟଙ୍କା ରହିଛି । ସେହିପରି ବାଇଗଣଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ସବୁଜ ପନପିପରିବା କିଲୋ ପ୍ରତି ଦର ୬୦ଟଙ୍କା ତଳକୁ ନାହିଁ । ଏପରି ଅବସ୍ଥା ହୋଇଛି ଯେ, ୫୦୦ଟଙ୍କାରେ ପରିବାରରେ ବ୍ୟାଗ ପୁରୁ ନାହିଁ । କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ଚାହିଦାଠାରୁ ଅଧିକ ପିଆଜ ଉତ୍ପାଦିତ ମଧ୍ୟ ଖାଉଟି ଏବେ ବିନାମୂଲ୍ୟରେ ପିଆଜ କିଣିବାକୁ ବାଧ୍ୟ ହେଉଛି । ଏହାର ମୁଖ୍ୟ କାରଣ ହେଉଛି ଶୀତଳ ଭଣ୍ଡାର ଏବଂ ବଜାରରେ ଅଭାବ । ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଜାତୀୟ ନମୂନା ସର୍ବେକ୍ଷଣ (ଏନଏସଏସ) ତଥ୍ୟ ଅନୁଯାୟୀ ବାର୍ଷିକ ପ୍ରାୟ ୩.୫୫ ଲକ୍ଷ ମେଟ୍ରିକ ଟନ ପିଆଜ ରାଜ୍ୟରେ ଆବଶ୍ୟକତା ଥିବାବେଳେ ୨୦୨୨-୨୩ ବର୍ଷରେ ୩.୬୮ ମେଟ୍ରିକ ଟନ ପିଆଜ ଉତ୍ପାଦିତ ହୋଇଥିଲା । କେବଳ ୨୦୨୨-୨୩ ନୁହେଁ, ୨୦୧୬-୧୭ରେ ବାର୍ଷିକ ୩.୭୮ ଲକ୍ଷ ମେଟ୍ରିକ ଟନ ପିଆଜ ଉତ୍ପାଦିତ ହୋଇଥିବାବେଳେ ୨୦୧୭-୧୮ରେ ୩.୭୯, ୨୦୧୮-୧୯ରେ ୩.୭୩, ୨୦୧୯-୨୦ରେ ୩.୬୫, ୨୦୨୧-୨୨ରେ ୩.୫୦ ଲକ୍ଷ ଟନ ପିଆଜ ଉତ୍ପାଦିତ ହୋଇଥିବା ସରକାରୀ ରେକର୍ଡ କହେ । ଏହା ନିସନ୍ଦେହ ଯେ, ରାଜ୍ୟରେ ଚାହିଦା ତୁଳନାରେ ପିଆଜ ଉତ୍ପାଦନ ବଢି ଚାଲିଛି । କିନ୍ତୁ ଆମକୁ ବର୍ଷ ସାରା ଅନ୍ୟ ରାଜ୍ୟର ପିଆଜ ଉପରେ ନିର୍ଭର କରିବାକୁ ପଡୁଛି ଏବଂ ଚଢ଼ାଦର ଦେଇ ଖାଉଟି କିଣିବାକୁ ବାଧ୍ୟ ହେଉଛନ୍ତି । ଏହାର କାରଣ ହେଉଛି ସାଇତି ରଖିବା ପାଇଁ ରାଜ୍ୟରେ ଶୀତଳ ଭଣ୍ଡାର ନାହିଁ । ଉତ୍ପାଦନ ସମୟରେ ଆବଶ୍ୟକୀୟ ବଜାର ବ୍ୟବସ୍ଥା ଏବଂ ଶୀତଳଭଣ୍ଡାର ଅଭାବରୁ ପଚିସଢି ଯିବା ଆଶଙ୍କାରେ ଚାଷୀ ଅଭାବୀବିକ୍ରୀର ସମ୍ମୁଖୀନ ହୋଇ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛି । ଯାହାଫଳରେ ପିଆଜ ଅନ୍ୟ ରାଜ୍ୟକୁ ଚାଲିଯାଉଛି । ଜାତୀୟ ସଂସ୍ଥା ସେଂଟର ଫର କୋଲଡ ଚେନ ଡେଭଲମେଂଟ(ଏନସିସିଡି) ଏବଂ ନାବାର୍ଡ ଦ୍ୱାରା କରାଯାଇଥିବା ଆବଶ୍ୟକତା ରହିଛି । ମାତ୍ର ଏବେ ଯେତିକି ଶୀତଳ ଭଣ୍ଡାର ବା ପିଆଜ ସାଇତା ଗୃହ ରହିଛି, ସେଥିରେ କେବଳ ୧ଲକ୍ଷ ୮୩ହଜାର ୨୫ ମେଟ୍ରିକ ଟନ ପିଆଜ ରଖାଯାଇପାରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶନ୍ଧିର ଆରମ୍ଭରେ ରାଜ୍ୟରେ ବିଭିନ୍ନ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲା । ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ମୋଟ ୧୮୧ ଶୀତଳ ଭଣ୍ଡାର ଥିବାବେଳେ ଏଥିମଧ୍ୟରୁ ଏବେ କେବଳ ୩୬ଟି କାର୍ଯ୍ୟକ୍ଷମ ରହିଛି । ୭୯ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ସମୟରେ ଅବଶିଷ୍ଟ ଶୀତଳ ଭଣ୍ଡାରଗୁଡିକ କାର୍ଯ୍ୟ କରିବା ଅବସ୍ଥାରେ ନଥିବା କୁହାଯାଏ । ସରକାରୀ ଉଦାସୀନତା ଓ ବୈଷୟିକ ଜ୍ଞାନ କୌଶଳର ଅଭାବ ଏଥିପାଇଁ ଦାୟୀ ବୋଲି କହିଲେ ହୁଏତ ଭୁଲ ହୋଇନପାରେ । କେବଳ ଏତିକି ନୁହେଁ, ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୧୩ଟି ଜିଲ୍ଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ । ଏବେ କେବଳ ସମ୍ବଲପୁର ଜିଲ୍ଲାରେ ୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବାବେଳେ ଖୋର୍ଦ୍ଧାର ୫ଟି, ବାଲେଶ୍ୱର, ବଲାଙ୍ଗୀର, ମୟୁରଭଞ୍ଜ ଏବଂ ପୁରୀରେ ୨ଟି ଲେଖାଏଁ ଏବଂ ଅନୁଗୁଳ, ବରଗଡ, ଭଦ୍ରକ, ଗଂଜାମ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ମାଲକନଗରୀ, ନବରଙ୍ଗପୁର, ରାୟଗଡା, ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ ଲେଖାଏଁ କାର୍ଯ୍ୟକ୍ଷମ ରହିଛି । ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ଲାଗି ୨୦୧୫ରେ ରାଜ୍ୟ ସରକାର ଆଳୁ ମିଶନ ପ୍ରତିଷ୍ଠା କରିଥିଲେ । ଏଥିଲାଗି ୫୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଆଳୁ ସାଇତି ରଖିବା ପାଇଁ ୨୦୧୫ରୁ ୨୦୧୮ ମଧ୍ୟରେ ୩୦ଟି ଶୀଳତ ଭଣ୍ଡାର ଆଳୁମିଶନ ପାଇଁ ପ୍ରତିଷ୍ଠା ହୋଇଥିବାବେଳେ ଏବେ ୨୩ଟି କାର୍ଯ୍ୟକ୍ଷମ ହୋଇଛି । ଆଳୁ ମିଶନ ସମ୍ପୂର୍ଣ୍ଣ ଫେଲ ହୋଇଛି । ରାଜ୍ୟ ପାଇଁ ବାର୍ଷିକ ୧୩.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଆବଶ୍ୟକ ଥିବାବେଳେ ସରକାରୀ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ମାତ୍ର ୩.୨୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହୋଇଛି । ଆଳୁ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ଓଡିଶା ବାଧ୍ୟ ହେଉଛି । ଏହା ନିସନ୍ଦେହ ଯେ, ଶୀଳତ ଭଣ୍ଡାର ଅଭାବରୁ ରାଜ୍ୟରେ ଟମାଟୋର ଅଭାବୀ ବିକ୍ରି ବୋଧହୁଏ କାହାରିକୁ ଅଛପା ନାହିଁ । ଅଭାବୀ ବିକ୍ରୀ ଯୋଗୁଁ ଚାଷୀ ବହୁ ସ୍ଥାନର ଟମାଟୋ ରାସ୍ତା ଉପରେ ଢାଳି ହେଉଥିବା ଦେଖାଯାଏ । ନିକଟରେ ଜଗତସିଂହପୁର ଜିଲ୍ଲାର ଚାଷୀ ଶୀତଳ ଭଣ୍ଡାର ଅଭାବରୁ ବିନାବାଦାମ ଶାଗମାଛ ଦରରେ ବିକ୍ରୀ କରିଥିବା ଅଭିଯୋଗ ହୋଇଥିଲା । ସୁଖର କଥା ବର୍ତ୍ତମାନର ରାଜ୍ୟ ସରକାର ପରିବା ମଣ୍ଡି ସବୁ ଜିଲ୍ଲାରେ ଖୋଲିବା ପାଇଁ ନିଷ୍ପତି ନେଇଛନ୍ତି । ତେବେ କେବଳ ପରିବା ମଣ୍ଡି ନୁହେଁ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ସହ ପରିବା ଉତ୍ପାଦନ ବୃଦ୍ଧି ଉପରେ ଅଗ୍ରାଧିକାର ଦେବା ଜରୁରୀ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ପ୍ରଣମ୍ୟ ପଦ୍ମଶ୍ରୀ କମଳା ପୂଜାରୀ


ଡ଼ଃ.ଅରୁନ୍ଧତୀ ଦେବୀ

ସୁନାମଧନ୍ୟ ସମାଜସେବିକା, ପରିବେଶବିତ, ନାରୀଶିକ୍ଷାର କ୍ରାନ୍ତୀକାରୀ ଅଗ୍ରଦୂତ ତଥା ଦେଶୀ ଧାନ ବିହନ ସଂରକ୍ଷଣର ଅନନ୍ୟ ପୂଜାରୀ ପଦ୍ମଶ୍ରୀ କମଳା ପୂଜାରୀ ଆଉ ନାହାଁନ୍ତି । ୮୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି । ପାରମ୍ପରିକ ଚାଷ, ଜୈବିକ କୃଷିକୁ ପ୍ରୋତ୍ସାହନ, ବିଭିନ୍ନ କିସମର ଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିହନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ କମଳା । ଜୈବିକ କୃଷି ପଦ୍ଧତି ସମ୍ପର୍କରେ ତାଲିମ ଗ୍ରହଣ ପରେ ଲୋପ ପାଇଯାଉଥିବା ୧୦୦ରୁ ଅଧିକ କିସମ ଦେଶୀ ଧାନ ବିହନ ସଂରକ୍ଷଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କମଳା । ଧାନର ଉତ୍ପତ୍ତିସ୍ଥଳୀ ଜୟପୁର ହୋଇଥିବାରୁ ଏହି ଅଞ୍ଚଳର ବିରଳ କଳାଜିରା ଧାନକୁ ବିଶ୍ୱସତରରେ ଦେଇଥିଲେ ସ୍ୱତନ୍ତ୍ର ପରିଚୟ । ସମଗ୍ର ବିଶ୍ୱରେ ନୂତନ ଜ୍ଞାନ କୌଶଳରେ ଚାଷ ହେଉଥିବା ବେଳେ ପାରମ୍ପରିକ ପଦ୍ଧତିରେ ଧାନ ଉତ୍ପାଦନ ଓ ସଂରକ୍ଷଣ କରି ରଖିବା କ୍ଷେତ୍ରରେ ସମାଜକୁ ନୂଆ ଦିଗଦର୍ଶନ ଦେଇଛନ୍ତି କମଳା । ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ୨୦୧୯ ମସିହାରେ ଭାରତ ସରକାର କମଳାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ । ୨୦୧୮ରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଭାବେ ମଧ୍ୟ ମନୋନୀତ ହୋଇଥିଲେ । ଏହା ପୂର୍ବରୁ ୨୦୦୨ ମସିହାରେ ଦକ୍ଷିଣ ଆଫ୍ରିକାର ଜୋହନସବର୍ଗରେ ଆୟୋଜିତ ବିଶ୍ୱ ନିରନ୍ତର ବିକାଶ ସମ୍ମିଳନୀରେ ଇକ୍ୱେଟର ଇନିସିଏଟିଭ ଆୱାର୍ଡ ୨୦୦୩ରେ ନୂଆଦିଲ୍ଲୀରେ କୃଷି ବିଷାରତ ସମ୍ମାନ, ୨୦୦୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୃଷି ସମ୍ମାନ, ୨୦୧୭ରେ ଇଟିଭି ପ୍ରତିଭା ସମ୍ମାନ, ୨୦୧୭ରେ ପ୍ରଦ୍ୟୁମ୍ନ ବଳ ସମ୍ମାନ, ୨୦୧୭ରେ ପରବ ସମ୍ମାନ ସହ ବନ ସୁରକ୍ଷା ସମିତି, ପଞ୍ଚବଟୀ ଗ୍ରାମ୍ୟ ଉନ୍ନୟନ ଭଳି ଅନେକ ସମ୍ମାନର ଅଧିକାରିଣୀ ହୋଇଥିଲେ କମଳା । ଓଡ଼ିଶା ସରକାର ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ମହିଳା ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି ।

ସୂଚନାଯୋଗ୍ୟ କି ପଦ୍ମଶ୍ରୀ କମଳା ଥିଲା କୋରାପୁଟ ଜିଲ୍ଲା ସମେତ ରାଜ୍ୟର ଗର୍ବ, ଗୌରବ । ଶହେରୁ ଅଧିକ କିସମର ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ତାଙ୍କ ଅବଦାନ ଥିଲା ଅତୁଳନୀୟ । ୧୯୪୫ ମସିହାରେ ସେ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକର କାଣ୍ଟିକିଗୁଡ଼ା ଗାଁରେ ଜନ୍ମ ଗ୍ରହଣ କରିଥିଲେ । ବିବାହ କରିଥିଲେ ଜୟପୁର ବ୍ଲକ ପାତ୍ରପୁଟ ନିବାସୀ କୃଷ୍ଣ ପୂଜାରୀଙ୍କୁ । ଦୁଇ ପୁଅ ଧନୁର୍ଜୟ, ଟଙ୍କଧର ଓ ଝିଅ ସୁଭଦ୍ରାଙ୍କୁ ନେଇ ତାଙ୍କ ସଂସାର । ୧୯୯୮ରେ କୋରାପୁଟ ଅଞ୍ଚଳରେ ପାରମ୍ପରିକ ବିହନ ସଂରକ୍ଷଣ ଏବଂ ଜୈବ ବିବିଧତାର ସୁରକ୍ଷା ଦିଗରେ ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟ ଆରମ୍ଭ କରିଥିଲାବେଳେ ଏହାସହ ଯୋଡ଼ି ହୋଇଥିଲେ କମଳା । ସେହି ସମୟରେ କୋରାପୁଟର ବହୁ ଆଦିବାସୀ ପରିବାର ୧୪୧ କିସମର ଦେଶୀ ଧାନ ବିହନ ସଂରକ୍ଷଣ କରିଥିଲେ । ୨୦୦୨ ଅଗଷ୍ଟ ୩୦ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆୟୋଜିତ ବିଶ୍ୱ ସମ୍ମିଳନୀରେ ଯୋଗ ଦେଇଥିଲେ କମଳା । ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରି ଇକ୍ୱେଟର ଇନିସିଏଟିଭ ଆୱାର୍ଡ଼ ଗ୍ରହଣ କରିଥିଲେ । ୨୦୦୩ରେ ନୂଆ ଦିଲ୍ଲୀଠାରେ ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ତାଙ୍କୁ ଦିଆଯାଇଥିଲା କୃଷି ବିଶାରଦ ସମ୍ମାନ । ପାରମ୍ପରିକ ବିହନ ସଂରକ୍ଷଣ ଏବଂ ଏହାର ବିକାଶ ଦିଗରେ ଅହରହ ଉଦ୍ୟମ କରି ଦକ୍ଷିଣ ଆଫ୍ରିକାରେ ସମ୍ମାନିତ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ ନଭେମ୍ବର ମାସରେ କମଳାଙ୍କୁ ସମ୍ମାନିତ କରିଥିଲେ । ଇକ୍ୱେଟର ଇନିସିଏଟିଭ ଆୱାର୍ଡ଼ ପାଇବା ପରେ ଅଧିକ ଉତ୍ସାହିତ ହୋଇପଡ଼ିଥିଲେ କମଳା । ସ୍ୱାମୀନାଥନ ଫାଉଣ୍ଡେସନର ସମର୍ଥନରେ କେତେକ ଆଦିବାସୀ ସମ୍ପ୍ରଦାୟକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଢ଼ିଥିଲେ । ଏହାର ନାଁ ରଖିଥିଲେ ପଞ୍ଚବଟୀ ଗ୍ରାମ୍ୟ ଉନ୍ନୟନ ସମିତି । ସ୍ଥାନୀୟ ଅଞ୍ଚଳରେ ଜୈବ ବିବିଧତାର ସଂରକ୍ଷଣ କ୍ଷେତ୍ରରେ କାମ ଆରମ୍ଭ କରିଥିଲା ଏହି ସମିତି । ଏଥିରେ ଆଖପାଖ ୧୬ଟି ଗାଁର ବହୁ ସଦସ୍ୟ ଥିଲେ । ଆଖି ଦୃଶିଆ କାର୍ଯ୍ୟ ପାଇଁ ଏହି ସମିତି ୨୦୦୭ ଏବଂ ୨୦୧୦ ମସିହାରେ ନୂଆଦିଲ୍ଲୀର ପ୍ଲାଣ୍ଟ ଭେରାଇଟିସ ଆଣ୍ଡ ଫାର୍ମର୍ସ ରାଇଟ ଅଥରିଟି ତରଫରୁ ପାଇଥିଲା ପ୍ଲାଣ୍ଟ ଜିନୋମ ସେଭିୟର କମ୍ୟୁନିଟି ଆୱାର୍ଡ଼ । କମଳା ଥିଲେ ପ୍ରଥମ ଆଦିବାସୀ ମହିଳା ଯିଏ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟା ଭାବେ ନିଯୁକ୍ତି ପାଇଥିଲେ । ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରିଥିଲେ । ମୋଟାମୋଟି କହିବାକୁ ଗଲେ କୋରାପୁଟ ସମେତ ପୁରା ଦେଶର କୃଷକ ମାନଙ୍କ ପାଇଁ ସେ ଥିଲେ ଆଦର୍ଶ ଓ ପଥପ୍ରଦର୍ଶକ । ଜୈବ ବିବିଧତା, ପରିବେଶ ସୁରକ୍ଷା ଏବଂ ଜୈବିକ ଚାଷ ପଦ୍ଧତି କ୍ଷେତ୍ରରେ ତାଙ୍କ ଅବଦାନ ଚିରଦିନ ପାଇଁ ବୈଜ୍ଞାନିକ ମାନଙ୍କୁ ଗବେଷଣା କ୍ଷେତ୍ରରେ ଦିଗଦର୍ଶନ ଦେଉଥିବ ଏଥିରେ ସନ୍ଦେହ ନାହିଁ । ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଥିଲେ ଜଣେ ଅନ୍ୟତମ ବିମୁଗ୍ଧ ପ୍ରଶଂସିକା ଓ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମ ସହ ସେ ମଧ୍ୟ ସାମିଲ ହୋଇଛନ୍ତି । ଏହି ଲେଖିକା ତାଙ୍କ ସହ ଅନେକ ମୂଲ୍ୟବାନ ସମୟ ବିତାଇ, ମୂଲ୍ୟବାନ ପରାମର୍ଶ ଓ ସହଯୋଗ ପାଇପାରିଥିଲେ । ଜୈବ ବିବିଧତାର ସୁରକ୍ଷା, ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହନ ଓ ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ତାଙ୍କର କ୍ରାନ୍ତିକାରୀ ଭୂମିକା ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଅନୁସୂଚୀତ ଜନଜାତି ସମ୍ପ୍ରଦାୟର ସଶକ୍ତିକରଣ କ୍ଷେତ୍ରରେ ସେ ଥିଲେ ଆଲୋକବର୍ତ୍ତିକା । ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପୂଜ୍ୟଶ୍ରୀ କୁମାର ଭାଇଙ୍କ ପାଖରେ ପ୍ରାର୍ଥନା କରୁଛି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ବିଜେପିର ମୁସଲିମ ମତ ମରୀଚିକା

**ସୌମେନ୍ଦ୍ର ଜେନା**

ଦେଶର ସବୁ ରାଜନୈତିକ ଦଳ ୨୦୦୪ ନବ ନିର୍ବାଚନରେ ବିଜୟୀ ହେବାପାଇଁ ମୁସଲିମ ସମାଜର ତୁଷ୍ଟିକରଣ ଲାଗି ପ୍ରୟାସ କରି ଆସିଛନ୍ତି । ଅତୀତରେ କଂଗ୍ରେସ, ସମାଜବାଦୀ ପାର୍ଟି ପରି ବ   ମାନର ବିଜେପି ମଧ୍ୟ ଏହି ପ୍ରତିଯୋଗିତାରେ ପଛରେ ପଡ଼ିନାହିଁ । କଂଗ୍ରେସ ଦଳ ତୁଳନାରେ କିପରି ମୁସଲିମମାନଙ୍କ ପାଇଁ ବିଜେପି କେତେ ଅଧିକ ଖର୍ଚ୍ଚ କରିଛି ତାହା ଭିନ୍ନ ଭିନ୍ନ ସମୟରେ ସଭା, ଗଣମାଧମ ଏବଂ ସମ୍ମିଳନୀଗୁଡ଼ିକରେ ବିଜେପିର ନେତୃବୃନ୍ଦ ତଥ୍ୟ ସହ ପ୍ରଦାନ କଲେ ମଧ୍ୟ ସେସବୁ ସେମାନଙ୍କ ପାଇଁ ମୃଗ ମରୀଚିକା ବୋଲି ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି । ଗତ ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ମୁସଲିମ ସମାଜର ଭୋଟ ଦେଶର ଅନେକ ସ୍ଥାନରେ ବିକାଶ ସପକ୍ଷରେ ନରେନ୍ଦ୍ର ମୋଦୀଙ୍କ ପକ୍ଷରେ ଯିବ ବୋଲି ଯାହା ଗଣମାଧମରେ ଜୋର ପ୍ରସାରିତ ହେଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି । ମୋଦି ଏବଂ ଯୋଗୀଙ୍କ ପରି ବିଜେପି ନେତା ମୁସଲିମ ସମାବେଶରେ କିମ୍ବା ଧର୍ମାନୁଷ୍ଠାନରେ ଯୋଗ ଦେଇ ଅନ୍ୟ ଦଳର ନେତାଙ୍କ ପରି ଜାଲିଟୋପି ମୁଣ୍ଡରେ ପିନ୍ଧୁନଥିଲେ ମଧ୍ୟ 'ସବ୍କା ସାଥ ସବ୍କା ବିଶ୍ୱାସ' ସ୍ଲୋଗାନ ବାରମ୍ବାର ଦେଇ ଆସିଛନ୍ତି । ଏବେ ଅଳ୍ପ କିଛି ଉଦାହରଣକୁ ଯଦି ଦେଖାଯାଏ ତେବେ ଆମେ ଦେଖିବା ଯେ ମୋଦି-ଯୋଗୀଙ୍କ ସେହି ପ୍ରୟାସ ବିଫଳ ହୋଇଛି ।

ଦେଶର ସବୁ ନିର୍ବାଚନ ମଣ୍ଡଳୀକୁ ନ ନେଇ କେତୋଟିକୁ ଏଠାରେ ଆଲୋଚନା କରାଯାଇପାରେ । ମୁମ୍ବାଇର ଉ   ର-ମଧ୍ୟ ଲୋକସଭା ଆସନରୁ ୨୦୨୪ରେ ପ୍ରସିଦ୍ଧ ଓକିଲ ଉଜ୍ଜ୍ୱଳ ନିକମ ପ୍ରାର୍ଥୀ ହୋଇଥିଲେ । ଆତଙ୍କବାଦୀ କସାବକୁ ଫାଶୀ ଦେବାରେ ତାଙ୍କର ସାହସିକ ତର୍କ ବେଶି ଦାୟୀ ଥିଲା । ଅଥଚ ସେ ଏହି ଆସନରୁ ୧୬,୫୦୦ ଭୋଟରେ ଏଥର ହାରିଗଲେ । ଶ୍ରୀ ନିକମ୍ ନିର୍ବାଚନ ମଣ୍ଡଳୀରେ ସବୁ ବୁଥରେ ଭୋଟ ଗଣାବେଳେ ଆଗରେ ରହିଥିଲେ । କିନ୍ତୁ କୁରୈସୀ ନଗର, କସାଇୱାଡା, ବେହରାମ ପଡ଼ା ପରି ମୁସଲିମ୍ ବହୁଳ ବୁଥଗୁଡ଼ିକରେ ଏମିତି ପଛରେ ରହିଲେ ଯେ ତାହା କେହି ଭାବି ନଥିଲେ । ମୁସଲିମ ମତର ଧ୍ରୁବୀକରଣ କିପରି ହୋଇଥାଏ ଏହି ନିର୍ବାଚନ ମଣ୍ଡଳୀରୁ ବେଶ୍ ଜଣାପଡ଼ିବ । ନିର୍ବାଚନ ମଣ୍ଡଳୀର ମୁସଲିମବହୁଳ ୭୪ଟି ବୁଥ୍‌ରେ ମୋଟ ୩୭, ୦୦୦ ଭୋଟ ପଡ଼ିଥିଲା ବେଳେ ବିଜେପି ପ୍ରାର୍ଥୀ ନିକମ୍ ପାଇଥିଲେ ମାତ୍ର ୫୦୦ଟି ଭୋଟ । ତେଣୁ ମୁସଲିମ ଭୋଟର ବିଜେପିକୁ ଏହି ନିର୍ବାଚନ ମଣ୍ଡଳୀରେ ଭୋଟ ଦେଇ ନଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି । କିନ୍ତୁ ଫାଇଦା ନେବାବେଳେ ସେମାନେ ରାସନ୍, ଉଜ୍ଜ୍ୱଳା, ଆବାସ ଯୋଜନା କ୍ଷେତ୍ରରେ ଆଦୌ ପଛରେ ରହିନଥିଲେ ।ଉ   ର ପ୍ରଦେଶର ରାମପୁର ଲୋକସଭା ଆସନର ନିର୍ବାଚନ ଫଳାଫଳକୁ ବିଚାର କରାଯାଇପାରେ । ରାମପୁର ଲୋକସଭା ଆସନରେ ୭୦ ପ୍ରତିଶତ ମୁସଲିମ ଏବଂ ୩୦ ପ୍ରତିଶତ ହିନ୍ଦୁ ଜନସଂଖ୍ୟା ରହିଛି । ଏଥିରୁ ୫ଟି ବିଧାନସଭା କ୍ଷେତ୍ର ମୁସଲିମ ବହୁଳ ଭାବେ ଜଣାଶୁଣା । ଏହି ଅ   ଳର ଅଳ୍ପକେତେକ ବୁଥର ହିସାବକୁ ନେଲେ ମୁସଲିମ ମତର ଧ୍ରୁବୀକରଣକୁ ଜାଣିହେବ । ମୁସଲିମ ଲୋକେ କିପରି ଠିକଣା ବେଳରେ ଚିଡାକାଟି ଦେଇପାରନ୍ତି ତାହା ବୁଥଗୁଡ଼ିକର ଭୋଟରୁ ଜାଣିହେବ । ତେଣୁ ବିଗତ ଦିନରେ ଏହିସବୁ ଅ   ଳରେ 'ସବ୍କା ସାଥ୍ - ସବ୍କା ବିଶ୍ୱାସ' କଥା କହି ବିଜେପି ସମର୍ଥନ ପାଇବାକୁ ଯେମିତି ଆଶାବାଦୀ ରହିଥିଲା ଏବେ ପ୍ରକୃତ ଉ   ର ପାଇସାରିଛି । ମୁସଲିମବହୁଳ ଅନେକ ବୁଥ୍‌ରେ ବିଜେପି ପ୍ରାର୍ଥୀଙ୍କୁ ଯେଉଁ ଭୋଟ ମିଳିଛି ସେଥିରୁ ବିଜେପିକୁ ଗାଲରେ ଚାପୁଡ଼ା ଖାଇଲାପରି ଲାଗିଥିବ । ଆଗାମୀ ଦିନରେ ବିଜେପି 'ସବ୍କା ସାଥ ସବ୍କା ବିଶ୍ୱାସ' କଥାକୁ ଛାଡ଼ି 'ଭୋଟ ଯେଉଁଠି, କାମ ସେଇଠି' ପନ୍ଥାକୁ ଗ୍ରହଣ ନ କଲେ କିପରି ମାଟି କାମୁଡିବ ତା'ର ପ୍ରମାଣ ଦେଖନ୍ତୁ । ରାମପୁରର ରଜା ଡିଗ୍ରୀ କଲେଜର ୧ନଂ କକ୍ଷରେ ସମାଜବାଦୀ ପ୍ରାର୍ଥୀକୁ ୨୫୬ ଭୋଟ ମିଳିଥିଲା ବେଳେ ବିଜେପିକୁ ୧, ସମ୍‌ସୀ ଗାର୍ଲସ ଇ   ର କଲେଜର କକ୍ଷ ନଂ-୩ରେ ସମାଜବାଦୀ ପ୍ରାର୍ଟିକୁ ୩୭୧ ଭୋଟ ମିଳିଥିଲା ବେଳେ ବିଜେପିକୁ ୨, ବଗିଚା ଏମନା ବୁଥ୍ କକ୍ଷ ନଂ-୧ରେ ସମାଜବାଦୀ ପାର୍ଟିକୁ ୧୮୪ ଭୋଟ ମିଳିଥିଲା ବେଳେ ବିଜେପିକୁ ୧, ମଦରସା ଉଲୁମ୍ କକ୍ଷ ସଂଖ୍ୟା-୨ ବୁଥ୍‌ରେ ସମାଜବାଦୀପାର୍ଟିକୁ ୨୩୦ ଭୋଟ ମିଳିଥିଲାବେଳେ ବିଜେପିକୁ ମିଳିଛି ମାତ୍ର ୩ଟି ଭୋଟ । ଆଇଟିଆଇ କିଲ୍ଲା କକ୍ଷ ସଂଖ୍ୟା-୧ରେ ସମାଜବାଦୀ ପାର୍ଟି୫୧୫ ଭୋଟ ପାଇଥିଲାବେଳେ ବିଜେପି ପାଇଥିଲା ମାତ୍ର ୨ଟି ଭୋଟ । ସେମିତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବ୍‌ବାସ ନକବୀଙ୍କ ନିଜ ବୁଥରେ ବିଜେପିକୁ ମାତ୍ର ୨ଟି ଭୋଟ ମିଳିଥିଲା । କିନ୍ତୁ ହିନ୍ଦୁବହୁଳ ବୁଥଗୁଡ଼ିକରେ ସମାଜବାଦୀ ପାର୍ଟି ଆଗରେ ରହିଥିଲେ ମଧ୍ୟ ମୁସଲିମବହୁଳ ଅ   ଳପରି ଭୋଟଦାନ ହୋଇନଥିଲା । ହିନ୍ଦୁବହୁଳ ବୁଥ୍ କଲ୍ୟାଣପୁର ପଟ୍ଟିରେ ବିଜେପି ୧୬୪ ଓ ସମାଜବାଦୀ ପାର୍ଟିକୁ ୪୨୩, ବିସରାରେ ବିଜେପି-୨୪୦ ଓ ସମାଜବାଦୀ ପାର୍ଟି-୪୫୨, ମନକରାରେ ବିଜେପି-୧୫୨ ଓ ସମାଜବାଦୀ ପାର୍ଟି-୩୦୨, ରାଜାରାମ ପୁରରେ ବିଜେପି-୧୭୮ ଓ ସମାଜବାଦୀ ପାର୍ଟି-୩୩୨, ଖଜୁରିଆରେ ବିଜେପି-୨୮୩ ଓ ସମାଜବାଦୀ ପାର୍ଟି ପ୍ରାର୍ଥୀ-୪୩୪ଟି ଭୋଟ ପାଇଥିଲେ ।ସେମିତି ମହାରାଷ୍ଟ୍ରର ଧୂଳେ ଲୋକସଭା ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଦେଖାଯାଉ । ଏହି ନିର୍ବାଚନ ମଣ୍ଡଳୀର ବିଧାନସଭା କ୍ଷେତ୍ର ଧୂଳେ ଗ୍ରାମୀଣରେ ବିଜେପି-୧୩୯୭୨୧ ଓ କଂଗ୍ରେସ ୭୫୯୨୩, ସିନଖେଡାରେ ବିଜେପି-୧୧୧୮୪୯ ଓ କଂଗ୍ରେସ ୧୨୭୪୫୪ ମାଲେଗାଁ ଆଉଟରରେ ବିଜେପି ୬୮୪୨୪ ଓ କଂଗ୍ରେସ ୭୨୨୪୨, ବଗଲାନରେ ବିଜେପି ୧୦୦୧୬୬ ଓ କଂଗ୍ରେସକୁ ୭୮୨୫୩ ଭୋଟ ମିଳିଥିଲା । ଧୂଳେ ସହରରେ ବିଜେପି ୯୩୨୬୨ ଓ କଂଗ୍ରେସ ୮୮୪୩୭ ଭୋଟ ପାଇଥିଲା । ଏହିସବୁ ବିଧାନସଭା କ୍ଷେତ୍ରରେ ବିଜେପି ଭୋଟରେ କଂଗ୍ରେସଠାରୁ ଆଗରେ ରହିଥିଲା । କିନ୍ତୁ ମାଲେଗାଁ ସେ   ୍ରଲରେ ବିଜେପିକୁ ମାତ୍ର ୪୫୪୨ ଓ କଂଗ୍ରେସକୁ ୧୯୮୮୩୯ ଭୋଟ ମିଳିବା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା । କଂଗ୍ରେସ ପ୍ରାର୍ଥୀ ୩୮୩୮ ଭୋଟରେ ବିଜୟୀ ହୋଇଥିଲେ । ବିଗତ ଦିନମାନଙ୍କରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବ୍ରମଣ୍ୟମ୍ ସ୍ୱାମୀ ବାରମ୍ବାର ଗୋଟିଏ କଥା କହିଆସୁଥିଲେ । ତାହା ହେଲା ନରେନ୍ଦ୍ର ମୋଦି ଦାନବମାନଙ୍କୁ ସବୁକିଛି ଦେଇ ଯେପରି ଶକ୍ତିଶାଳୀ କରୁଛନ୍ତି ଆଗାମୀ ଦିନରେ ସେହିମାନେ ହିଁ ମୋଦୀଙ୍କୁ ଦଂଶନ କରିବେ, ୨୦୨୪ ଲୋକସଭା ନିର୍ବାଚନ ଫଳାଫଳ ତାହା ପ୍ରମାଣିତ କରିଛି । ସେମିତି ମହାରାଷ୍ଟ୍ରର ମୁମ୍ବାଇ ସହରର ମାନଖୁର୍ଦ୍ଦ ବୁଥ୍ ନଂ-୧୬୦ରେ ବିଜେପିକୁ ଗୋଟିଏ ବି ଭୋଟ ମିଳିନଥିଲା ବେଳେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୪୨୨ ଭୋଟ ପାଇଛି । ଜାକିର ନଗରରେ ବିଜେପି ୬୬ ଭୋଟ ପାଇଥିଲା ବେଳେ ଉଦ୍ଧବଗୋଷ୍ଠୀ ୫୪୧୭ ଭୋଟ ପାଇଛନ୍ତି ।

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ ମଣ୍ଡଳୀ ବାରାଣାସୀକୁ ବିଚାରକୁ ନିଆଯାଇପାରେ । ନିଜ ନିର୍ବାଚନ ମଣ୍ଡଳୀରେ ସୁବିଧା ସୁଯୋଗ ଦେବାରେ ମୋଦି କିଛି ଅବହେଳା କରିନାହାନ୍ତି । ବାରାଣାସୀକୁ ଏକ ନୂଆରୂପ ଦେବାରେ ତାଙ୍କର ଭୂମିକା ବହୁତ ରହିଛି । ବାରାଣାସୀର ବାଟ, ଘାଟ, ତୁଠ, ମଠ ସବୁଠି ଅଧିକ ଖର୍ଚ୍ଚ ସେ କରିଛନ୍ତି । ସାଧାରଣ ଲୋକଙ୍କୁ ଯୋଜନାର ସବୁ ସୁବିଧା ଦେଇଆସିଛନ୍ତି । ହିନ୍ଦୁ-ମୁସଲିମ ଭାବରେ ଆଦୌ ତଫାତ୍ ଆଣି ନାହାନ୍ତି । କିନ୍ତୁ ଭୋଟ ଦେବାବେଳେ ମୁସଲିମ୍ ଲୋକେ ମୋଦିଙ୍କୁ କିପରି ନିଜ ପଛ ଦେଖାଇବାକୁ ଭୁଲିନାହାନ୍ତି, ତାହା ଏଠାରେ ଆଲୋଚନାର ବିଷୟ । ବାରାଣାସୀ ଲୋକସଭା ଆସନର କେତେକ ମୁସଲିମ୍‌ବହୁଳ ବୁଥ୍‌ର ମତଦାନ ହିସାବରୁ ଆମେ ଏହାର ପ୍ରମାଣ ପାଇପାରିବା । ବାରାଣାସୀ ଉ   ର-ବିଧାନସଭା ଅନ୍ତର୍ଗତ ୩୦୯ ନଂ ବୁଥ୍ ବେସିକ ପ୍ରାଥମିକ ବିଦ୍ୟାଳୟ (କଂଗ୍ରେସ-୭୩୯, ବିଜେପି-୨୭), ୩୧୪ ନମ୍ବର ବୁଥ୍ ସିଟି ଗାର୍ଲସ ସ୍କୁଲ (କଂଗ୍ରେସ-୭୦୭, ବିଜେପି-୪୨) । ବୁଥ ନଂ ୩୨୮ ମଦରସା ରସୁଲପୁର (କଂଗ୍ରେସ-୭୩୦, ବିଜେପି-୧୧) । ବୁଥ୍ ନଂ ୩୬୩ ମଦରସା ରହିମିୟା ସରୈୟା (କଂଗ୍ରେସ-୫୦୭, ବିଜେପି-୭) । ସେମିତି ରହିମିୟା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଦେଖାଯାଉ । ମୁସଲିମ୍‌ବହୁଳ ୪ଟି ବୁଥ୍‌ର ହିସାବ କିପରି ରହିଛି । ୩୬ ନଂ ବୁଥ୍, ପ୍ରି ସେକେଣ୍ଡାରୀ କୋଟୱା (କଂଗ୍ରେସ-୬୪୬, ବିଜେପି-୧୬), ବୁଥ୍ ନଂ-୩୭ ପ୍ରି ସେକେଣ୍ଡାରୀ କୋଟୱା (କଂଗ୍ରେସ-୭୫୨, ବିଜେପି-୨୨), ବୁଥ୍ ନଂ.-୪୧, ମଦରସା କୋଟୱା (କଂଗ୍ରେସ-୫୪୯, ବିଜେପି-୪), ବୁଥ ନଂ-୪୨ ମଦରସା କୋଟୱା (କଂଗ୍ରେସ-୫୫୦, ବିଜେପି-୮୧) ।

ବାରାଣାସୀ କ୍ୟା ନମେ ବିଧାନସଭା ଅନ୍ତର୍ଗତ କିଛି ବୁଥ୍‌ର ମତଦାନକୁ ହିସାବକୁ ନିଆଯାଉ । ବୁଥ୍ ନଂ-୧୬୦ ହମିଦିୟା ମଦରସା ବଜରଡ଼ିହା (କଂଗ୍ରେସ-୬୩୪, ବିଜେପି-୩୪), ବୁଥ ନଂ-୧୭୧, ପ୍ରାଥମିକ ବିଦ୍ୟାଳୟ, ଜୋଲହା (କଂଗ୍ରେସ-୫୬୬, ବିଜେପି-୬୯), ବୁଥ୍ ନଂ-୨୩୭ ମଦରସା ଜାମିୟା (କଂଗ୍ରେସ-୭୭୭, ବିଜେପି-୧୪), ବୁଥ୍ ନଂ-୨୪୧, ଜୟନାରାୟଣ ଇ   ର କଲେଜ (କଂଗ୍ରେସ-୫୨୨, ବିଜେପି-୫), ବୁଥ୍ ନଂ-୩୦୨, ବଙ୍ଗାଳି ଟୋଲା କଲେଜ (କଂଗ୍ରେସ-୬୦୦, ବିଜେପି-୧୧) । ଦକ୍ଷିଣ ବନାରସ ବିଧାନସଭା ନିର୍ବାଚନ ମଣ୍ଡଳୀର ମତଦାନକୁ ନିଆଯାଉ । ମୁସଲିମ ବହୁଳ ଏହି ବୁଥ୍‌ଗୁଡ଼ିକରେ ବିଜେପିକୁ କିପରି ସମର୍ଥନ ମିଳିଛି ଦେଖାଯାଉ । ବୁଥ ନଂ-୩, ବେସିକ ପ୍ରାଇମେରୀ ସ୍କୁଲ, କମଲଗଡ଼୍ଡ଼ା (କଂଗ୍ରେସ-୭୦୬, ବିଜେପି-୧୨), ବୁଥ ନଂ-୧୪୭, ଜାମିୟା ମଦରସା, କେଟେହର (କଂଗ୍ରେସ-୭୨୭ ବିଜେପି-୨) ବୁଥ ନଂ-୧୫୯, ଜୋତପୁରା ନଗର ପାଳିକା (କଂଗ୍ରେସ-୭୬୮, ବିଜେପି-୬), ବୁଥ ନଂ-୧୭୩ ନେସନାଲ ଇ   ର କଲେଜ ପିଲିକୋଠି (କଂଗ୍ରେସ-୭୭୪, ବିଜେପି-୯) ।

ସେବାପୁରୀ ବିଧାନସଭା କ୍ଷେତ୍ରକୁ ଦେଖାଯାଉ । ବୁଥ ନଂ-୧୩୯, ପ୍ରାଥମିକ ବିଦ୍ୟାଳୟ ହୀରାପୁର (କଂଗ୍ରେସ -୪୧୫, ବିଜେପି-୩୫), ବୁଥ ନଂ-୩୧୦, ଗୌତମ ବୁଦ୍ଧ ବିଦ୍ୟାଳୟ, ଲୋହତା (କଂଗ୍ରେସ-୭୦୫, ବିଜେପି-୫୩) ।

କେବଳ ରହିମିୟା ସରୌୟା ବୁଥ୍ ଅ   ଳରେ ୨୫୦୦ ଆୟୁଷ୍ମାନ କାର୍ଡ, ୩୦୦୦ ରେସନ କାର୍ଡ, ୫୦ରୁ ଅଧିକ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଥିଲା ବେଳେ ବୁଥ୍‌ରେ ମୋଟ ୫୧୭ ମତଦାନ ହୋଇଥିଲା । ଏଥିରୁ କଂଗ୍ରେସକୁ ୫୦୭, ବିଜେପିକୁ ୮ ଏବଂ ବହୁଜନ ସମାଜ ପାର୍ଟିକୁ ମାତ୍ର ୨ଟି ଭୋଟ ମିଳିଥିଲା । ଉ   ର ପ୍ରଦେଶର ରାମପୁର ଲୋକସଭା ଅନ୍ତର୍ଗତ ଏକ ଗ୍ରାମରେ ମୋଟ ୨୩୨୨ ଲୋକ ଭୋଟ ଦେଇଥିଲେ । ଯେଉଁଠି ଗୋଟିଏ ବି ଭୋଟ ବିଜେପିକୁ ମିଳିନଥିଲା । ଅଥଚ ସେହି ଗ୍ରାମରେ ୫୩୨ ଆବାସ ଯୋଗାଇ ଦେବାକୁ ବିଜେପି ସରକାର ଖର୍ଚ୍ଚ କରିଥିଲେ ୧୩୩୦ କୋଟି ଟଙ୍କା । ସେମିତି ମଧ୍ୟ-ପ୍ରଦେଶର ଇନ୍ଦୋର ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ମତଦାନ ପୂର୍ବରୁ ଦଳଛାଡ଼ିଦେବା ଯୋଗୁଁ ଦେଢ଼ଲକ୍ଷ ମୁସଲିମ ଭୋଟ ନୋଟା ସପକ୍ଷରେ ଯାଇଥିଲା । ମୁସଲିମ ଲୋକଙ୍କର ଚାକିରୀ, ଶିକ୍ଷା ଅଧିକ ଦରକାର ନାହିଁ । କାରଣ ମାଦ୍ରାସାରେ ଆରବୀ ଆଉ କୋରାନ ପଢ଼ି ସେମାନେ କୌଣସି ଇ   ରଭ୍ୟୁ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ସେମାନଙ୍କ ଲକ୍ଷ୍ୟ ଯେ କୌଣସି ଛୋଟ ମୋଟ କାମ କରିବା, ବଡ଼ ଚାକିରୀ ନୁହେଁ । ସେମାନଙ୍କ ପାଇଁ ରାସ୍ତାକଡରେ ରୋଜଗାର ମିଳୁଛି, ସେମାନେ କାହିଁକି ଅନ୍ୟକଥା ଚିନ୍ତା କରିବେ । ଟୁଟି କାଟିଲେ କିମ୍ବା ଗାଡ଼ି ପମ୍ଫର ମାରିଲେ ସେମାନେ ଭଲ ରୋଜଗାର କରିପାରୁଛନ୍ତି । ବାରାଣାସୀର ୨୦ଟି ବୁଥ୍ ରେ ବିଜେପିକୁ ୨୦ରୁ କମ୍ ଏବଂ ୧୦୦ଟି ବୁଥ୍‌ରେ ୧୦୦ରୁ କମ୍ ଭୋଟ ମିଳିଥିଲା । ମୋଦି ସରକାର ମୁସଲମାନଙ୍କ ବିକାଶ ପାଇଁ କୋରାନ ବଦଳରେ କମ୍ପ୍ୟୁଟର, ରହିବା ପାଇଁ ଘର, ଖାଇବା ପାଇଁ ମାଗଣା ରାସନ୍, ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ଯୋଗାଇ ଦେଇ ଯେମିତି ଭାବିଥିଲା ଯେ 'ସବ୍କା ସାଥ, ସବ୍କା ବିଶ୍ୱାସ' କାମ କରିବ ବୋଲି, ହେଲେ ତାହା ପ୍ରକୃତରେ ସଫଳ ହୋଇନାହିଁ । ମୁସଲିମ ଲୋକେ ସବୁଠୁ ଅଧିକ ସୁବିଧା ସୁଯୋଗ ମୋଦି ସରକାରଠୁ ନେଇ ସବୁଠୁ କମ୍ ଭୋଟ ଦେବାକୁ ଶପଥ ନେଲେ, ମୋଦି ସରକାର ବିରୋଧରେ ସାରା ଦେଶରେ ଏକାଠି ହୋଇ ବିଜେପିର ପ୍ରାର୍ଥୀମାନଙ୍କୁ ଯୋଜନାବଦ୍ଧ ଭାବରେ ହରାଇବାକୁ ଭୋଟ ଦେଲେ । ତେଣୁ ବିଜେପିକୁ ଏହା ଏକ ଚେତାବନୀ । ଅଧିକ ମୁସଲିମ ଶ୍ରଦ୍ଧା ଦେଖାଇ ବିଜେପି ଅନ୍ୟ ଦଳମାନଙ୍କୁ ଚିତ୍‌କରିବାକୁ ଚାହୁଁଥିଲା, ଅଥଚ ନିଜେ ଚିତ୍‌ପଟାଙ୍ଗ ମାରିଛି । ଏବେ ବିଜେପି ଏଥିରୁ ଯଦି କିଛି ଶିକ୍ଷା ନ କରେ ତେବେ ଭବିଷ୍ୟତରେ ବହୁ ଅସୁବିଧା ଭୋଗ କରିବ, ଏଥିରେ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ୱା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ୱାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଚିକିତ୍ସା କରାଇବା ପାଇଁ ରୋଗୀଠାରୁ ଡାକ୍ତର ଲାଞ୍ଚ ନେଇଥିବା ଘଟଣା : ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ମାହାଙ୍ଗା,(ପି.ଏନ): ଗତ ୧୮ତାରିଖ ଦିନ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ କଟକଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ର ଡାକ୍ତର ରୋଗୀସେବା ପାଇଁ ଲାଞ୍ଚନେଉଥିବା ଅଭିଯୋଗର ତଦନ୍ତ ପରେ ବି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୧ ସୂଚନା ତଥ୍ୟ ନଂ୯୨୭ ତା୬.୭.୨୦୨୪ରିଖ ସୂଚନା ଅନୁଯାୟୀ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨ର ଡାକ୍ତର ପ୍ରଦିପ୍ତ କିଶୋର ଜେନା ରୋଗୀ ଚିକିତ୍ସା ପାଇଁ ରୋଗୀଙ୍କ ଠାରୁ ଡାକ୍ତରଖାନା ପରିସରରେ ଅର୍ଥ ନେଉଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅର୍ଡର ନମ୍ବର ୪୩୬୨ ତା ୨୦.୦୩. ୨୦୨୪ରିଖରେ ମାହାଙ୍ଗା ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ସତ୍ୟାସତ୍ୟ ତଦନ୍ତ କରି ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ରିପୋର୍ଟ ପଠାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଏ ସଂପର୍କରେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନିକଟରେ ଅଭିଯୋଗ କରାଯାଇଛି। ଏହି ଅଭିଯୋଗ ପରେ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀ କେବେ ଏହି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେ ନେଇ ଏବେ ମାହାଙ୍ଗା ଅଂଚଳରେ ଚର୍ଚ୍ଚା ଜୋରଦାର ଧରିଛି।

# ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ମାହାଙ୍ଗା,(ପି.ଏନ): ପୂର୍ବ ପରି ମାହାଙ୍ଗା ଅଂଚଳରେ ନଳିତା ଚାଷ କରାଯାଉ ନାହିଁ। ଝୋଟର ମୂଲ୍ୟ ହ୍ରାସ,ଗ୍ରାମାଞ୍ଚଳରେ କୃଷି ଶ୍ରମିକଙ୍କ ଘୋର ଅଭାବ, ଏପରିକି ସାରର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁ ଚାଷୀମାନେ ନଳିତା ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନେକ ସମୟରେ ଷଣ୍ଢ ଓ ମାଙ୍କଡଙ୍କ ପ୍ରାଦୁର୍ଭାବରେ ଚାଷୀମାନେ ନଳିତା ଚାଷ କରିବାକୁ ଡରିଲେଣି। ମାହାଙ୍ଗା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ ଚଳିତବର୍ଷ ମାହାଙ୍ଗା ବ୍ଲକର ପୋଡାମରାଇ, ବରାହିପୁର, ଭଉଁରିଆ, ପଲ୍ଲୀସାହି, ଓ ଭେଡା ପଂଚାୟତରେ ୧୯୦ହେକ୍ଟର ଜମିରେ ନଳିତା ଚାଷ କରାଯାଇଛି।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ୟାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ୱାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ୱା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଟଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ୱାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧ୍ୟାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday July 23 2024 ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନଗର କଂଗ୍ରେସ୍ ସଭାପତିଙ୍କୁ ସମ୍ବର୍ଦ୍ଧନା ଓ କର୍ମୀ ସମ୍ମିଳନୀ

ପାରାଦୀପ,(ପି.ଏନ): ପାରାଦୀପ ନଗର କଂଗ୍ରେସ୍ ସଭାପତି ଭାବେ ଯୁବ ନେତା କେଦାର ନାଥ ବିଶ୍ୱାଳଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଦାୟିତ୍ୱ ଅର୍ପଣ କରିଥିଲେ । ରବିବାର ଅପରାହ୍ନରେ ପାରାଦୀପ ନଗର କଂଗ୍ରେସ କମିଟି ପକ୍ଷରୁ ନୂତନ ସଭାପତି କେଦାର ନାଥ ବିଶ୍ୱାଳଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ଜଣାଇବା ସହିତ ସମ୍ବର୍ଦ୍ଧନା ଜଣେଇ ଥିଲେ । ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଗତ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ନିରଂଜନ ନାୟକ ଯୋଗ ଦେଇ କଂଗ୍ରେସ୍ କର୍ମୀମାନଙ୍କୁ ଏକଜୁଟ୍ ହୋଇ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୁଜଙ୍ଗ କଂଗ୍ରେସ କମିଟି ସଭାପତି ନିହାର ରଂଜନ ଦାସ, ପୂର୍ବତନ ପାରାଦୀପ ନଗର କଂଗ୍ରେସ ସଭାପତି ନାରାୟଣ ସ୍ୱାଇଁ, ସରୋଜ କୁମାର ପ୍ରଧାନ, ମନୋରମା ଖଟୁଆ, ଗଦାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ବିଶ୍ୱାଳ ଦଳ ଏବେ ରାଜ୍ୟରେ ସଂକଟ ମଧ୍ୟରେ ଚାଲିଛି । ଏହାକୁ ଆଗକୁ ନେବା ପାଇଁ ସମସ୍ତ କର୍ମୀମାନେ ସହଯୋଗ କରିବାକୁ ଶ୍ରୀ ବିଶ୍ୱାଳ ଆହ୍ୱାନ ଦେଇଥିଲେ । ନଗର କଂଗ୍ରେସ ସବାପତି ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇ ଥିବାରୁ ସେ ନିଷ୍ଠାର ସହିତ ଦଳକୁ ଆଗେଇ ନେବେ ବୋଲି କହିଥିଲେ । ଭାରତୀୟ ଜାତୀୟ କଂଗ୍ରେସ୍ ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିରୋଧି ଦଳ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧିଙ୍କ ନେତୃତ୍ୱରେ ଦେଶରେ ତଥା ରାଜ୍ୟରେ କଂଗ୍ରେସ ପୁଣି ଶକ୍ତିଶାଳୀ ହେବ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ସମ୍ପ୍ରତି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ କଂଗ୍ରେସକୁ ଫେରିପାରନ୍ତି ଚିରଂଜୀବୀ ବିଶ୍ୱାଳ(ବାପି) ଓ ଅରିନ୍ଦମ ସାର୍ଖେଲ(ବାପି) ଖବର ସମ୍ପର୍କରେ ସ୍ପଷ୍ଟିକରଣ ଦେଇ ଶ୍ରୀ ବିଶ୍ୱାଳ କହିଥିଲେ ଯଦି ଏପରି ହୁଏ ତେବେ ଏହାକୁ ବିରୋଧ କରାଯିବ । କାରଣ ସେମାନେ ସେମାନଙ୍କ ସ୍ୱାର୍ଥ ପାଇଁ ଦଳ ତ୍ୟାଗ କରିଥିଲେ ସ୍ୱାର୍ଥ ପୂରଣ ନ ହେବାରୁ କଂଗ୍ରେସକୁ ଯଦି ଫେରନ୍ତି ଆମେ ତାଙ୍କୁ ବିରୋଧ କରିବୁ ବୋଲି ସେ କହିଛନ୍ତି ।



### ରାବଣ ମାସର ପ୍ରଥମ ସୋମବାର, ମହାବିନାୟକ ପୀଠରେ କାଉଡ଼ିଆଙ୍କ ଭିଡ

ଦର୍ପଣ,(ପି ଏ ନ): ଶ୍ରାବଣ ମାସର ପ୍ରଥମ ସୋମବାର ଚ଼ଣ୍ଡିଖୋଲ ସ୍ଥିତ ମହାବିନାୟକ ପୀଠ ରେ ବୋଲବମ୍ ହରେହରେ ବମ୍ ଧ୍ୱନିରେ ଏକ ଆଧାତ୍ମିକ ପରିବେଶସୃଷ୍ଟି ହୋଇଥିଲା । ଏହି ଦିନଟି ଶିବ ଭକ୍ତ ମାନଙ୍କ ପାଇଁ ପବିତ୍ର ଦିନ । ଆଜି ପ୍ରାୟ ପାଞ୍ଚ ହଜାର କାଉଡ଼ିଆ ଭକ୍ତ ପବିତ୍ରମନ, ଭକ୍ତିଭାବ ଓ ନିଷ୍ଠା ର ସହିତ ମହାବିନାୟକ ଙ୍କୁ ଜଳକ୍ଷଧିବକ୍ଷସ କରିଛନ୍ତି । ରାତ୍ରି ଚ଼ାରିଟାରେ ପ୍ରଭୁଙ୍କମଙ୍ଗଳ ଆଳତୀ ଅବକାଶ ନୀତି, ଦ୍ୱାରଫିଟକ୍ଷ ନୀତି ପରେ ପହଡଫିଟା ଯାଇଥିଲା । କାଉଡ଼ିଆ ଭକ୍ତ ମାନେ ଶାନ୍ତି ଓ ଶୃଙ୍ଖଳା ର ସହିତ ପ୍ରଭୂ ମହାବିନାୟକ ଙ୍କ ଉପରେ ଜଳଲାଗି କରିଥିଲେ । ମନ୍ଦିର ପରିଚ଼ାଳନା କମିଟି, ମନ୍ଦିର ସେବାୟତ ନିଯୋଗ, ଓ ବଡଚ଼ଣା ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରଯାଇଥିଲା । ବଡଚ଼ଣା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକ୍, ଚ଼ଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ୍ କୁମାର ବଳବନ୍ତରାୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ନିଖିଳ ଓଡିଶା ମଧ୍ୟାନ୍ନ ଭୋଜନ ପାଚ଼କ ପାଚ଼ିକା ସଂଘ ପକ୍ଷରୁ କର୍ମକର୍ତ୍ତା ବୈଠକ

ଦର୍ପଣ, (ପି ଏନ) : ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ସିଙ୍ଗାପୁର, କଲଣ ଓ ଓଡିଶୋ ପଞ୍ଚାୟତର ବିଜୁ ଶ୍ରମିକ ସାମୁଖ୍ୟ ଓ ପାଚ଼କ ପାଚ଼ିକା ମହାସଂଘର କର୍ମକର୍ତ୍ତା ବୈଠକ କଲଣ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ରସୁଲପୁର ବ୍ଲକ ମଧ୍ୟାନ୍ନ ଭୋଜନ ପାଚ଼କ ପାଚ଼ିକା ସଂଘର ସଭାନେତ୍ରୀ ବାସନ୍ତୀ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟ ସମ୍ପାଦକ ତଥା ପାଚ଼କ ପାଚ଼ିକା ସଂଘର ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବଡଚ଼ଣା ବ୍ଲକ ବିଜୁ ଶ୍ରମିକ ସାମୁଖ୍ୟ ସଂଯୋଜକ ଜଗନ୍ନାଥ ମୁଦୁଲି, ସମ୍ମାନିତ ଅତିଥି ରସୁଲପୁର ବ୍ଲକ ସଂଯୋଜକ ଧୀରେନ୍ଦ୍ର ସାହୁ, ସିଙ୍ଗାପୁର ପଞ୍ଚାୟତ ସଭାନେତ୍ରୀ ମଧୁସ୍ମିତା ଦାସ, କଲଣ ପଞ୍ଚାୟତ ସଭାନେତ୍ରୀ ସଞ୍ଜୁକ୍ତା କାଣ୍ଡି, ଓଡିଶୋ ପଞ୍ଚାୟତ ସଭାନେତ୍ରୀ ଅନିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ବିଜୁ ଶ୍ରମିକ ସାମୁଖ୍ୟ ଦ୍ୱାରା ଆଜି ସାରା ରାଜ୍ୟରେ ଶ୍ରମିକମାନେ ଓ ମଧ୍ୟାନ୍ନ ଭୋଜନ ପାଚ଼କ ପାଚ଼ିକା ମାନେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟ ସଭାପତି କଟକ ମେୟର ସୁବାଶ ସିଂହଙ୍କ ଦ୍ୱାରା ଦାବି ପୂରଣ ହୋଇ ଉପକୃତ ହୋଇଛନ୍ତି ବୋଲି ଆଜି ମହିଳାମାନେ ସାଧୁବାଦ ଜଣାଇଛନ୍ତି । ଆମର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ଶାସନ କାଳରେ ପାଚ଼କ ପାଚ଼ିକା ମାନଙ୍କର ଦରମା ବର୍ଦ୍ଧିତ କରିବା ଦ୍ୱାରା ଆଜି ପାଚ଼କ ପାଚ଼ିକାମାନେ ଉପକୃତ ହୋଇଛନ୍ତି । ସେନେଇ ସମସ୍ତ ପାଚ଼କ ପାଚ଼ିକାମାନେ ଓଡିଶା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ନାୟକ ଓ ମୁଖ୍ୟ ବକ୍ତା ଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିନା ପରିଡା, ସବିତା ରଣା, ସୁଭଦ୍ରା ବେହେରା, ଜ୍ୟୋସ୍ନାରାଣୀ ସାହୁ, ସୁକାନ୍ତି ସାହୁ, ଲତା ପ୍ରଧାନ, ନବକିଶୋର ଦାସ ସମେତ ଶତାଧିକ ମହିଳାମାନେ ଯୋଗଦେଇଥିଲେ । ଶେଷରେ ଶିଶିର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



## ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟ ବନ୍ଦ ଭୋକ ଉପାସରେ ଶ୍ରମିକ

ଦର୍ପଣ,(ପି ଏ ନ):ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚ଼ାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ଼ ଶିକ୍ଷା ବିଭାଗ ତରଫରୁ ବଡ଼ଚ଼ଣା ବ୍ଲକ ଅନ୍ତର୍ଗତ ସିହା ଠାରେ ୭୫ଏକର ଜମିରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୨୦୧୭ ମହିହା ଜୁଲାଇ ୩୧ ତାରିଖରେ ତତ୍କାଳୀନ ଉଚ୍ଚ଼ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଓ ଓଡ଼ିଶା ସରକକ୍ଷରଙ୍କ ମୁଖ୍ୟ ସଚେତକ ଆମର ପ୍ରସାଦ ଶତପଥୀ ,ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ତତ୍କାଳୀନ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା କ୍ଷ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯାଇ ଶିକ୍ଷା ଦାନ କରାଯିବକ୍ଷପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସାରି ନାହିଁ । ପରିସର ମଧ୍ୟରେ ଛାତ୍ରାବାସ, ଛାତ୍ରୀ ନିବାସ କାର୍ଯ୍ୟ ସାରିଥିଲେ ମଧ୍ୟ ଶିକ୍ଷାଦାନ ଗୃହ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇନାହିଁ । ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବିଳମ୍ବ ହେଉଛି । ଏହି ନିର୍ମାଣ କାର୍ଯ୍ୟ ରେ ବାହାର ରାଜ୍ୟରୁ ତଥା ସ୍ଥାନୀୟ ଅଞ୍ଚଳରୁ ୬ ଶହ ରୁ ଉର୍ଦ୍ଧ ଶ୍ରମିକ ଶ୍ରମଦାନ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି କ୍ଷ ସରକାର ପରିବର୍ତ୍ତନ ହେବା ପରେ କେତକ ସ୍ଥାନୀୟ ଯୁବକ ଠିକା ଦକ୍ଷରଙ୍କୁ ଚ଼ାନ୍ଦା ମାଗିବା ସହିତ ନିର୍ମାଣାଧୀନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ସିମେଣ୍ଟ , ରଡ, ଇଟା , ବାଲି , ଚ଼ିପ୍ସ ,ଯୋଗାଇବା ପାଇଁ ଜିଦ୍ ଧରିଛନ୍ତି, ଏଥିରେ ଠିକାଦାର ରାଜି ନହେବାରୁ ଗୋଟିଏ ନିର୍ଦ୍ଦିଷ୍ଟ ରଜିନୈତକ ଦଳ ର କର୍ମୀ ମାନେ ଦୀର୍ଘ ୬ ଦିନ ହେଲା କାର୍ଯ୍ୟ ବନ୍ଦ କରିଛନ୍ତି କ୍ଷ ଫଳରେ କାର୍ଯ୍ୟରତ ୬ ଶହରୁ ଉର୍ଦ୍ଧ୍ୱ ଶ୍ରମିକ କାମ ନପାଇ ଭୋକ ଉପାସ ରେ ରହିବା ସହିତ କିଛି ଶ୍ରମିକ ନିଜ ଘରକୁ ଫେରିଗଲେନିକ୍ଷ ଏସଂପର୍କରେ ନିର୍ମାଣ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏ ସମ୍ପର୍କରେ ମୁଖ୍ୟମନ୍ତି ,ଉଚ୍ଚ଼ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ସରକାର ବଦଳିଲା ହେଲେ ଗଜପତିରୁ ୫ଟି ହୋଡିଂ ଉଠିନି

ପାରଳାଖେମୁଣ୍ଡି,(ପି.ଏନ): ଓଡ଼ିଶାରେ ସରକାର ବଦଳିଲେ ନୂତନ ସରକାର ଓଡ଼ିଶାରେ ଗଠନ ହେଲା. ହେଲେ ଗତ ସରକାରଙ୍କ ୫ ଟି ହୋଡିଂ ଗଜପତି ଜିଲ୍ଲାରୁ ଉଠିନାହିଁ ।ନୂତନ ସରକାର ଗଠନର ୧ ମାସ ପରେ ସୁଦ୍ଧା ପୁରାତନ ଗତ ସରକାରଙ୍କ ୫ ଟି ହୋଡିଂ ଦ୍ୱାରା ଗଜପତିରେ ପୁରୁଣା ସରକାରଙ୍କର ବିକାଶକୁ ପ୍ରଚ଼ାର ପ୍ରସାର କରାଯାଉଛି । ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲାର କାଶୀନଗର ଏନଏସି ଅଞ୍ଚଳରେ ଥିବା କେତୋଟି ୫ଟି ହୋଡିଂ ଏଯାଏଁ ହଟି ନାହିଁ । ଅବାଧ ନିର୍ବାଚ଼ନ ନିମନ୍ତେ ନିର୍ବାଚ଼ନ ଆୟୋଗ ଗତ ସାଧାରଣ ନିର୍ବାଚ଼ନ ପୂର୍ବରୁ ସମସ୍ତ ପ୍ରକାର ହୋଡିଂକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହି ଆଦେଶକୁ କାଶୀନଗର ଅଞ୍ଚଳରେ ପାଳନ କରାଯାଇନାହିଁ । କାଶୀନଗର ଏନଏସିର ବିଭିନ୍ନ ଅଞ୍ଚଳରେ ମୁକ୍ତା ଯୋଜନାର ହୋଡିଂ ଏ ଯାଏଁ ଉଠିନାହିଁ ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୫t ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପୁରୀଠାରେ ଅନୁଷ୍ଠିତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀରେ ପ୍ରେସମିଟ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ରାଜନୈତିକ ଚ଼ିଠାରେ ସୂଚ଼ନା ଦେଇଛନ୍ତି ୫ ଟି ଯୋଜନାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହାର ବିହିତ ତଦନ୍ତ କରାଯିବ ।ତଥାପି କାଶୀନଗର ଅଞ୍ଚଳର ଅଧିକାରୀମାନେ କାହିଁକି ଏସବୁ ହୋଡିଂ ଉଠାଉ ନାହାନ୍ତି ବୋଲି ସାଧାରଣରେ ମୁଖ୍ୟ ଚ଼ର୍ଚ୍ଚାର ବିଷୟ ପାଲଟିଛି ।

### ଘୋଷଯାତ୍ରାରେ ଭଜନ ଅନୁଷ୍ଠାନକୁ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ): ପାରାଦୀପ ଘୋଷ ଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିର ପରିସରରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରାଦୀପର ସୁନାମଧନ୍ୟ ଭଜନ ଅନୁଷ୍ଠାନ ଜୟ ମା ଶାରଳା ଭଜନ ସଂନ୍ଧ୍ୟାର କଣ୍ଠ ଶିଳ୍ପୀମାନେ ଉଚ୍ଚ କୋଟିର ଭଜନ ପରିବେଷଣ କରିଥିଲେ । ଅନୁଷ୍ଠାନର କଣ୍ଠଶିଳ୍ପୀ ବିବେକାନନ୍ଦ ମିଶ୍ର, ବିରଜା ପ୍ରସାଦ, ଭୀମସେନ, ପ୍ରିୟଦର୍ଶିନୀ ଓ ଚର୍ତୁଭୁଜଙ୍କ ଭଜନ ପରିବେଶଣ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଅହ୍ଲାଦିତ କରିଥିଲା । କାର୍ଯ୍ୟକ୍ରମ ଶେଷରେ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଜୟ ମା ଶାରଳା ଭଜନ ସଂନ୍ଧ୍ୟା ପରିବାରକୁ ସମ୍ମାନୀତ କରାଯାଇଥିଲା ।

## ଶତାଧିକ ବର୍ଷର ପୁରାତନ ରାୟଗଡ଼ ସାପ୍ତାହିକ ହାଟ ଲଗାତାର ବର୍ଷା ଯୋଗୁଁ ବେହାଲ, ଲୋକେ ଆଣ୍ଠୁଏ ପାଣି ଓ କାଦୁଅରେ କିଣାବିକା କରୁଛନ୍ତି

ପାରଳାଖେମୁଣ୍ଡି,(ପି.ଏନ): ଶତାଧିକ ବର୍ଷର ପୁରାତନ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ସାପ୍ତାହିକ ବଜାର ଚ଼ଳିତ ଲଘୁଚ଼ାପ ଜନିତ ଲଗାଣ ବର୍ଷା କାରଣରୁ ଆଣ୍ଠୁଏ ପାଣି ଓ କାଦୁଅରେ ବେହାଲ ହୋଇଯାଇଛି । ଲୋକେ ବହୁ କଷ୍ଟରେ ହାଟକୁ ଯିବା ଆସିବା କରିବା ସହ ଆଣ୍ଠୁଏ ପାଣି କାଦୁଅରେ କିଣା ବିକା କରିବାକୁ ବାଧ ହେଉଛନ୍ତି ବୋଲି ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତି ଯେ, ରାୟଗଡ଼ ସାପ୍ତାହିକ ବଜାର ଜିଲ୍ଲାର ପ୍ରାୟତଃ ଶତାଧିକ ବର୍ଷ ପୁରୁଣା ହାଟ ହୋଇଥିବାବେଳେ ଏହା ଶନିବାର ଦିନ ଅନୁଷ୍ଠିତ ହୋଇଥାଏ । ଏଠାକୁ ରାୟଗଡ଼, ନୂଆଗଡ଼, ଗୁମ୍ମା, ଗୋଷାଣି ବ୍ଲକ ସମେତ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଅନ ଶ୍ରୀକାକୁଲମ ଜିଲ୍ଲାର ଅନେକ ବ୍ୟବସାୟୀ ଓ ଗ୍ରାହକ ଏହି ହାଟକୁ ଦିନକ ପୂର୍ବରୁ ଆସି ବେପାର ବଣିଜ କରୁଥିବା ଜଣାପଡ଼ିଛି । ଗ୍ରାହକ ସୁଲଭ ଦରରେ ବିଭିନ୍ନ ସାମଗ୍ରୀ କିଣି ଖୁସିବ୍ୟକ୍ତ କରୁଥିବାବେଳେ ବ୍ୟବସାୟୀ ପୁଳା ପୁଳା ଟଙ୍କାର ଲାଭ ପାଇ ଘରକୁ ଫେରୁଥିଲେ । ଆଜି ମଧ୍ୟ ସେହି ପାରମ୍ପରିକ ବ୍ୟବସାୟ କାରଣରୁ ଏହି ହାଟ ଜିଲ୍ଲାର ଏକ ଜଣାଶୁଣା ସାପ୍ତାହିକ ବଜାର ଭାବେ ପରିଗଣିତ ହୁଏ । କିନ୍ତୁ ଏହି ହାଟ ପରିସରରେ ବ୍ୟବସାୟୀ ଓ ଗ୍ରାହକଙ୍କ ସୁବିଧାଦୃଷ୍ଟିରୁ ପଞ୍ଚାୟତ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ସମେତ ବ୍ୟବସାୟୀ ଓ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଶନିବାରବଜାର ଆରମ୍ଭ ହେବା ବେଳକୁ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା । ଫଳରେ ଦୋକାନୀମାନେ ନିଜ ନିଜ ସାମଗ୍ରୀ ଆଦିକୁ ବହୁ କଷ୍ଟରେ ସଜାଡି ବିକ୍ରିବଟା ଆରମ୍ଭ କରିଥିଲେ ମଧ୍ୟ ହାଟ ପରିସରରେ ବିଶ୍ରାମଗାର ନ ଥିବା ଯୋଗୁଁ ଗ୍ରାହକ ଯେନତେନ ପ୍ରକାରେ ମୁଣ୍ଡ ଲୁଚ଼ାଇବାକୁ ଣିଡ଼ିଥିଲେ । ବର୍ଷାରେ ହାଟ ପରିସର କାଦୁଅରେ ପରିପୂର୍ଣ ହୋଇ ପଚ଼ପଚ଼ ହେବାବେଳେ ବ୍ୟବସାୟୀ ମାନେ ଜିନିଷକୁ ପଲିଥିନରେ ଘୋଡାଇ ବର୍ଷା ରେ ଭିଜି ଭିଜି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ଏଥିରେ ଉଭୟ ବ୍ୟବସାୟୀ ଓ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କାରେ ସାପ୍ତାହିକ ବଜାର ଟେଣ୍ଡର କରି ବ୍ୟବସାୟୀ ଓ ଦୋକାନୀଙ୍କ ଠାରୁ ଟିକସ ଆଦାୟ କରୁଥିଲେ ମଧ୍ୟ ହାଟ ପରିସରରୁ ଜଳ ନିଷ୍କାସନ ବ୍ୟବସ୍ଥା, ସିମେଣ୍ଟ କଂକ୍ରିଟ ଢ଼ଳେଇ ଓ ଯାତ୍ରା ବିଶ୍ରାମଗାର ନିର୍ମାଣ କରାଯାଇ ନ ଥିବାରୁ ଉକ୍ତ ରାଜସ୍ୱ ଗୁଡିକ କେଉଁ ଆଡେ ଯାଉଛି ତାହା ସାଧାରଣରେ ପ୍ରଶ୍ନବାଚ଼ୀ ହୋଇଛି । ଏ ନେଇ ବ୍ୟବସାୟୀ ଓ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି ଓ ତେଣୁ ବିଭାଗୀୟ ଅଧିକାରୀ କିମ୍ବା ପଞ୍ଚାୟତ ପ୍ରତିନିଧି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ପଦେକ୍ଷପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray